ପର୍ଯ୍ୟବେକ୍ଷକ
PARYABEKHYAK










## ଟି ଟାଇମ୍

### ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଲିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଶ୍ରୀ ଗଣେଷ ମହୋତ୍ସବ ୨୦୧୯ବର୍ଷ ପାଇଁ ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଶ୍ରୀ ଗଣେଷ ମହାପ୍ରଭୁଙ୍କ ପୂଜା ମହାଆଡମ୍ବରରେ ଆୟୋଜନ କରିବାକୁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଆଜି ଶ୍ରୀ ଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପରିସରରେ କମିଟିର ବାର୍ତ୍ତା ସମ୍ପାଦକ ଶ୍ରୀ ଦେବବ୍ରତ ମହାନ୍ତିଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀକୁ ବିଶିଷ୍ଟ ସମାଜସେବୀ ତଥା କମିଟିର ସମ୍ପାଦକ ଶ୍ରୀ ସାଗର ବଳବନ୍ତରାୟ ସଭାପତିତ୍ୱ କରି କହିଛନ୍ତି ଯେ, ଚଳିତବର୍ଷ ଶ୍ରୀ ଗଣେଷ ପୂଜାକୁ ଅନ୍ୟମାନଙ୍କ ଠାରୁ ଟିକେ ଭିନ୍ନ କରିବା ପାଇଁ ଉଭୟ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ସଦସ୍ୟମାନେ ଯୋଜନା କରିଛନ୍ତି ଓ ତଦନୁସାରେ କାର୍ଯ୍ୟ ଆଗେଇ ଚାଲିଛି । ଏଥିପାଇଁ ନୟାପଲ୍ଲୀର ନୂଆସାହିରେ ତିଆରି ଚାଲିଛି ୩୫ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ଗଣେଷଙ୍କ ପ୍ରତିମା । କଲିକତାର କାରିଗରମାନେ ଦୀର୍ଘ ଏକମାସ ଧରି ଶ୍ରୀଗଣେଷଙ୍କ ପ୍ରତିମା ପ୍ରସ୍ତୁତିରେ ଲାଗିଛନ୍ତି ଏବଂ ପ୍ରତିମାରେ କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରାଯିବ ନାହିଁ ବୋଲି ସ୍ଥିର କରାଯାଇଛି । ଏବର୍ଷ ପୂଜାରେ ଶ୍ରୀ ଗଣେଷଙ୍କୁ ୩୫କିଲୋଗ୍ରାମ୍ ଓଜନ ବିଶିଷ୍ଟ ଲଡୁ ଭୋଗ ଅର୍ପଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦର୍ଶକମାନଙ୍କ ମନ ମୋହିବ ବୋଲି ଆଶା କରାଯାଉଛି । ଆସନ୍ତାମାସ ୭ତାରିଖ ଶନିବାର ଦିନ ପୂଜାର ପୂର୍ଣ୍ଣାହୂତି ଅନୁଷ୍ଠିତ ହେବା ସହ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ଭକ୍ତମାନଙ୍କ ପାଇଁ ପ୍ରସମାଦସେବନର ସୁବ୍ୟବସ୍ଥା କରାଯାଇଛି । ଏତଦ୍ ଭିନ୍ନ ପୂଜାରେ ପରିବେଶକୁ ସୁରକ୍ଷା ଦେବାପାଇଁ ବୃକ୍ଷରୋପଣର କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି । ତା ୦୮.୦୯.୨୦୧୯ ରବିବାର ଦିନ ଶ୍ରୀଗଣେଷ ମହାପ୍ରଭୁଙ୍କ ବିସର୍ଜନ ପର୍ବ ମହାଆଡମ୍ବରରେ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ସୁମନ୍ତ ସାମନ୍ତରାୟ, ରାକେଶ ମହାନ୍ତି, ସୁଜିତ୍ ରାୟ,ସନ୍ତୋଷ କୁମାର ସାହୁ, ବିଦ୍ୟାଧର ବେହେରା, ସିଟୁ ବଳବ'ରାୟ, ବିଶ୍ୱଜିତ୍ ବଳବ'ରାୟ ପ୍ରମୁଖ ଉପସ୍ଥିତ ଥିଲେ ବୋଲି କମିଟିର ସହ ବାର୍ତ୍ତା ସମ୍ପାଦକ ବାଦଲ ପରିଡା ସୂଚନା ଦେଇଛନ୍ତି ।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାରେ ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ଏନକାଉଂଟରର : କୁଖ୍ୟାତ ଡ଼କାୟତ ବବଲୁ ଆହତ

କଟକ, (ପିଏନ)- କଟକ ସ୍ଥିତ ନରାଜ ବଜାର ଅଂଚଳରେ ଚୌଦ୍ୱାର ପୋଲିସ ଓ ସ୍ୱେଶାଲ ସ୍କ୍ୱାଡ୍ ର ଏନକାଉଂଟରରେ କୁଖ୍ୟାତ ଡ଼କାୟତ ସଚିନ୍ ପାଢ଼ୀର ଓରଫ ବବଲୁ ଆହତ ହୋଇଛି । ତା'ର ଡ଼ାହାଣ ଗୋଡ଼ରେ ଗୁଳି ବାଜିଛି । ତାକୁ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲରେ ଭର୍ତି କରାଯାଇଛି । ଗତକାଲି ରାତି ପ୍ରାୟ ୩ଟା ସମୟରେ ନରାଜ ଅଂଚଳରେ ବବଲୁର ଉପସ୍ଥିତି ନେଇ ଚୌଦ୍ୱାର ପୋଲିସ ଖବର ପାଇଥିଲା । ଏହାପରେ ଚୌଦ୍ୱାର ପୋଲିସ ଓ ସ୍ୱେଶାଲ ସ୍କ୍ୱାଡ୍ ପକ୍ଷରୁ ସେଠାରେ ଚଢ଼ଉ କରାଯାଇଥିଲା । ପୋଲିସକୁ ଦେଖି ବବଲୁ ଓ ତା'ର ଅନ୍ୟ ଦୁଇ ସହଯୋଗୀ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ଅନ୍ୟ ଦୁଇ ସହଯୋଗୀ ଏଥିରେ ସଫଳ ହୋଇଥିବା ବେଳେ ପୋଲିସ ବବଲୁକୁ ଘେରାବନ୍ଦୀ କରିବା ସହ ଆତ୍ମସମର୍ପଣ କରିବାକୁ କହିଥିଲା । କିନ୍ତୁ, ବବଲୁ ପୋଲିସ ଉପରକୁ ଗୁଳି ଚଳାଇଥିଲା । ପରେ ପୋଲିସର ପାଲଟା ଜବାବରେ ସେ ଆହତ ହୋଇଥିଲା । ଏହି ଗୁଳି ବିନିମୟ ବେଳେ ଚୌଦ୍ୱାର ଥାନାର ତିନି ଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି । ବବଲୁ ନିକଟରୁ ଗୋଟିଏ ବନ୍ଧୁକ ଜବତ ହୋଇଛି । ତା' ନାମରେ ଏକାଧିକ ଅପରାଧିକ ମାମଲା ରହିଛି । ସେ ଏକ ଡ଼କାୟତି ଗ୍ୟାଙ୍ଗ୍ ର ମୁଖ୍ୟ ଥିଲା । ରାଜ୍ୟ ତଥା ରାଜ୍ୟ ବାହାରେ ଏକାଧିକ ଲୁଟ୍, ରାହାଜାନି ଓ ଡ଼କାୟତି ଘଟଣାରେ ତା'ର ସମ୍ପୃକ୍ତି ରହିଛି । ପ୍ରକାଶ ଥାଉ କି, ଗତକାଲି ଏକ ସୁନା ଦୋକାନରୁ ଲୁଟ୍ ଉଦ୍ୟମ ବେଳେ ସେହି ଗ୍ୟାଙ୍ଗ୍ ର ୮ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରିଥିଲା । ସେମାନଙ୍କ ତଥ୍ୟ ଆଧାରରେ ପୋଲିସ ବବଲୁକୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା ।

# କଳାହାଣ୍ଡି ଜିଲ୍ଲା ପାଇଁ ରବି ଜଳସେଚନ ଚିଠା ଚୂଡ଼ାନ୍ତ !

## ଜାନୁଆରୀ ୧ରୁ ଜଳସେଚନ ଆରମ୍ଭ ! !

ଜୟପାଟଣା, (ପିଏନ)- କଳାହାଣ୍ଡି ଜିଲ୍ଲାପାଳଙ୍କ ସଭାଗୃହରେ ଚଳିତ ରବି ଚାଷ ପାଇଁ ଜଳସେଚନକୁ ନେଇ ଚୂଡ଼ାନ୍ତ ଚିଠା ପ୍ରସ୍ତୁତ ହୋଇଯାଇଛି । ଜିଲ୍ଲା ଉପ କୃଷି ନିର୍ଦ୍ଦେଶକଙ୍କ ଆହ୍ୱାନକ୍ରମେ ବସିଥିବା ସଭାରେ ଇନ୍ଦ୍ରାବତୀ ସମେତ କ୍ଷୁଦ୍ର ଜଳସେଚନ, କୃଷି, ଉଦ୍ୟାନ ବିଭାଗ ଆଦିର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ରବି ଜଳସେଚନ ପାଇଁ କଳାହାଣ୍ଡି ଜିଲ୍ଲାର ରବି ଜଳସେଚିତ ଚିଠା ଚୂଡ଼ାନ୍ତ କରିଥିବା ଜଣାପଡ଼ିଛି । କଳାହାଣ୍ଡି ଜିଲ୍ଲାପାଳ ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିବା ରବି ଚାଷ ପାଇଁ ଜଳସେଚନର ଚୂଡ଼ାନ୍ତ ଚିଠା ପ୍ରସ୍ତୁତ ହୋଇଯାଇଛି । ଜିଲ୍ଲାରେ କୃଷି କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ଇନ୍ଦ୍ରାବତୀ ଜଳସେଚନ ବ୍ୟବସ୍ଥାରେ ଆସୁଥିବା ବାମ ଓ ଦକ୍ଷିଣ କେନାଲରୁ ଚଳିତ ରବିରେ ମୋଟ ୮୬୫୦୪.୧୩୭ ହେକ୍ଟର ଆୟକଟ ଅଂଚଳ ମଧ୍ୟରୁ ୫୨୬୧୩.୦୮୬ ହେକ୍ଟର ଜମିରେ ରବି ଜଳସେଚନ ପାଇଁ ଚୂଡ଼ାନ୍ତ ନିଷ୍ପତି ନିଆଯାଇଥିବା ଜଣାପଡ଼ିଛି । ଚଳିତ ରବି ଜଳସେନରେ ଇନ୍ଦ୍ରାବତୀ ଜଳସେଚନ ବ୍ୟବସ୍ଥା ମଧ୍ୟରେ ଅଦ୍ୟାବଧି ୬ଗୋଟି ବ୍ଲକ ଆସୁଥିବାବେଳେ ଗୋଲାମୁଣ୍ଡା ବ୍ଲକ୍କୁ ବାଦଦେଇ ଜୟପାଟଣା, କଳମପୁର, କୋକସରା, ଜୁନାଗଡ଼ ଓ ଧର୍ମଗଡ଼ ଆଦି ପାଂଚଟି ବ୍ଲକର ୩୧୯ ଗ୍ରାମର ୫୬୧୩.୦୮୬ ହେକ୍ଟର ଜମିରେ ଜଳସେଚନର ଲକ୍ଷ୍ୟ ରଖାଯାଇଛି । ସେହିପରି ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ମଧ୍ୟରେ ସର୍ବାଧିକ ୧୬୭ଟି ଗ୍ରାମର ୨୦୨୮୦.୮୨୬ ହେକ୍ଟର, ଧର୍ମଗଡ଼ ୧୪୯୪୨.୦୪୨ ଓ ସର୍ବନିମ୍ନରେ ଲାଞ୍ଜିଗଡ଼ ନିର୍ବାନନ ମଣ୍ଡଳୀ ୭୮ଟି ଗ୍ରାମରେ ୧୭୩୯୦.୨୧୮ ହେକ୍ଟର ଜମିରେ ଜଳସେଚନର ଲକ୍ଷ୍ୟ ରଖାଯାଇଛି । ଦକ୍ଷିଣ ମୁଖ୍ୟ କେନାଲ ଅନେକ ସମୟରେ ବିବାଦୀୟ ସ୍ଥିତିରେ ରହି ଆସୁଥିବାବେଳେ ଚଳିତ ରବିରେ ୧୨୪ ଖଣ୍ଡ ଗାଁର ୨୦୦୭୩.୦୪୦ ହେକ୍ଟର ଓ ବାମ ମୁଖ୍ୟ କେନାଲ ପରିଧିରେ ୧୭୫ ଖଣ୍ଡ ଗାଁର ୩୪୮୨୯.୫୪୮ ହେକ୍ଟର ଜମିରେ ଜଳସେଚନର ଲକ୍ଷ୍ୟ ରଖାଯାଇଛି । ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଚଳିତ ବର୍ଷ ଭରପୁର ଜଳସଂରକ୍ଷଣ ସହିତ ୬୪୦.୪୪ ମିଟର ପାଣି ରହିଥିବାବେଳେ ଆସନ୍ତା ଜାନୁଆରୀ ୧ ତାରିଖରୁ ମଙ୍ଗଳପୁର ହାତୀ ବ୍ୟାରେଜରୁ ଜଳସେଚନ ଆରମ୍ଭ କରାଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି ।

# ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷା ଶିବିର

ନୂଆପଡ଼ା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ସ୍ୱାସ୍ଥ୍ୟ ସମିତି ଓ ସମଗ୍ର ଶିକ୍ଷା ନୂଆପଡାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ୧୮୬ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏଥିରେ ୮୪ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଚଷମା ଦେବାପାଇଁ ଚକ୍ଷୁ ସହାୟକ ମଳୟ ମହାନ୍ତି ଓ ସୋମନାଥ ଖମାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିଲା । ୧୫ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଥିଲା । ସିନାପାଲି ଅତିରିକ୍ତ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ଓ ବିଆରସି ମହେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଇଭି ଜତିନ୍ଦ୍ର କୁମାର ମେହେର, ନରେଶ ସୁନାନୀ, ଗୋଲାପି ଜଗତ, ଖଗେଶ୍ୱର ସା, ଶିକ୍ଷକ ସାନ୍ତନୁ କୁମାର ମେହେର, ପ୍ରଦୀପ କୁମାର ରାଉତରାୟ, ତୋଫାନ ଭୋଇ, ପ୍ରଦୀପ ଯୋଷୀ, ସିଆରସିସି ଜୟ କିଶାନ ଯୋଷୀ, ସୁଶିଳ ଯୋଷୀ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଖଡିଆଳ ସ୍ଥିତ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର ସୁନେତ୍ର ଅନୁଷ୍ଠିତ ହୋଇଯାଇଛି । ଶିବିରର ଉଦ୍‌ଘାଟନୀ ଉତ୍ସବରେ ଖଡିଆଳ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଜଗଦୀଶ ପ୍ରସାଦ ଖମାରୀ, ସିଆରସିସି ପ୍ରଶାନ୍ତ କୁମାର ପଣ୍ଡା, ମନୋଜ କୁମାର ପାଣିଗ୍ରାହୀ ଓ ଗୋପାଳକୃଷ୍ଣ ମେହେର ପ୍ରମୁଖ ଯୋଗଦାନ କରିଥିଲେ । ଏହି ଶିବିରରେ ୨୧୬ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୧୫୫ ଜଣଙ୍କୁ ମାଗଣା ଚଷମା ବ୍ୟବସ୍ଥା ପାଇଁ ଚକ୍ଷୁ ସହାୟକ ମଳୟ ମହାନ୍ତି ଏବଂ ସୋମନାଥ ଖମାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିଲା । ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

# କନ୍ଦଲେଇ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଆୟୋଜିତ

ଭୁବନେଶ୍ୱର, (ପିଏନ) : ରାଜଧାନୀ ଉପକଣ୍ଠ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କନ୍ଦଲେଇ ଠାରେ ବୁଧବାର ଆୟୋଜିତ ହୋଇଛି ବିଦ୍ୟାଳୟର ଚତୁର୍ଥ ବାର୍ଷିକ ସମାରୋହ । ଏଥିରେ ବହୁ ସାମାଜିକ କର୍ମୀ, ବିଦ୍ୟାର୍ଥୀ, ଅଭିଭାବକ ଯୋଗଦାନ କରି ବିଦ୍ୟାଳୟ ଅତୀତ ସ୍ମୃତି ରୋମନ୍ଥିତ କରିବା ସହ ଆଗାମୀ ଦିନରେ ବିଦ୍ୟାଳୟର ଭବିଷ୍ୟତ ନେଇ ଆଲୋକପାତ କରିଛନ୍ତି ।ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବିନ୍ଧ୍ୟାଗିରିର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାରଣା ଯୋଗଦେଇ ନିଜ ବକ୍ତବ୍ୟରେ ବିଦ୍ୟାଳୟଟିଏ ନିଜର ବାର୍ଷିକ ଉତ୍ସବ ପାଳନ ଜରିଆରେ କିଭଳି ତା'ର ମୂଲ୍ୟାଙ୍କନ କରିବାକୁ ସକ୍ଷମ ହୋଇପାରିଥାଏ ସୂଚାଇଥିଲେ । ବିଦ୍ୟାର୍ଥୀ, ଅଭିଭାବକ ଓ ଶିକ୍ଷକଙ୍କ ଅବଦାନ ରହିଲେ ହିଁ ବିଦ୍ୟାଳୟ ଏକ ସାର୍ଥକ ମଣିଷ ଗଢ଼ା କାରଖାନାଟିଏ ହୋଇପାରିବ । ନୂଆଦିଲ୍ଲୀସ୍ଥିତ ପ୍ରମୁଖ ସାମାଜିକ ସଂଗଠନ ଆଶ୍ରାର ଉଦ୍ୟମରେ ପ୍ରତିବର୍ଷ ଏହି ଆଦିବାସୀପଲ୍ଲୀର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହେଉଥିବା ସୂଚନା ପ୍ରଦାନ କରାଯାଇଥିଲା । ଗତ ଫନି ବାତ୍ୟାରେ ବିଦ୍ୟାଳୟ ଭାଙ୍ଗିରୁଜି ଯିବା ପରେ ଆଶ୍ରା ପକ୍ଷରୁ ତୁରନ୍ତ କିଭଳି ଏହା ସଜଡ଼ା ଯାଇ ଶୈକ୍ଷିକ ପରିବେଶ ତିଆରି କରାଗଲା ତାହା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ନାୟକ ସୂଚାଇଥିଲେ । ବିଦ୍ୟାଳୟର ଶିକ୍ଷକ ସୁବାସ ଓଝା, ସ୍ୱେଚ୍ଛାସେବୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତରାୟ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଶ୍ୟାମ ଗାଗରାଇ, ଗାଁ ମୁରବୀ ମଦନ ଚାତାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ସାପ କାମୁଡ଼ାରେ ଯୁବକ ମୃତ

ନୂଆପଡ଼ା, (ପିଏନ)-ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ନେହେନା ପଂଚାୟତ ଟିଚେର ଗ୍ରାମର ଜଣେ ଯୁବକ ଏକ ବିଷାକ୍ତ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି । ସୂଚନା ମତେ ଗତ ୯ ତାରିଖ ଦିନ ଟିଚେର ଗ୍ରାମର ସନ୍ଦିପ ବାଗ(୨୭) ନାମକ ଯୁବକ ଘରେ ଶୋଇଥିବା ଅବସ୍ଥାରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡିଥିଲା । ପରେ ତାଙ୍କୁ ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଖଡିଆଳ ସ୍ଥିତ ମିଶନ ଡାକ୍ତରଖାନାରେ ଭର୍ତି କରାଯାଇଥିବାବେଳେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି ।

# ଶକ୍ତିମନ୍ତ୍ରୀଙ୍କ ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ବିଦ୍ୟୁତିକରଣ କାର୍ଯ୍ୟର ସମୀକ୍ଷା

## ବକେୟା ଶୁଳ୍କ ଆଦାୟ ଉପରେ ଗୁରୁତ୍ୱ, ଖିଲାପକାରୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, (ପିଏନ)- ଶକ୍ତି, ଶିଳ୍ପ, ଏମଏସଏମଇ, ଗୃହମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଦ୍ୱାରା ଆଜି ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଯୋଜନା ଅନ୍ତର୍ଗତ ବିଦ୍ୟୁତିକରଣ କାର୍ଯ୍ୟର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସର୍କିଟ୍ ହାଉସରେ ମନ୍ତ୍ରୀ କ୍ୟାପଟେନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସୌଭାଗ୍ୟ, ଓଡିଏସଏସପି, ଆଇପିଡିଏସ, ଡିଡିୟୁଜିଜେୱାଇ ଯୋଜନା ଅନ୍ତର୍ଗତ ବିଦ୍ୟୁତିକରଣ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ମନ୍ତ୍ରୀ କ୍ୟାପଟେନ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ୫-ଟି ସୂତ୍ର ଆଧାରରେ କାର୍ଯ୍ୟକରି ରାଜ୍ୟରେ ବିଦ୍ୟୁତସେବାକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

ବୈଠକରେ ମନ୍ତ୍ରୀ ସୌଭାଗ୍ୟ ସମେତ ଅନ୍ୟାନ୍ୟ ସରକାରୀ ଯୋଜନା ଅନ୍ତର୍ଗତ ସମସ୍ତ ବିଦ୍ୟୁତିକରଣ କାର୍ଯ୍ୟ ସମୟ ଅବଧି ମଧ୍ୟରେ ସମାପ୍ତ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ କ୍ୟାପଟେନ ମିଶ୍ର ଡୁଙ୍ଗୁରିପାଲି ବ୍ଲକ୍ ବିଦ୍ୟୁତିକରଣ କାର୍ଯ୍ୟର ସମୀକ୍ଷା କରିବା ସହିତ ବଳକା ଥିବା ଦୁଇଟି ଗ୍ରାମରେ ଶତପ୍ରତିଶତ ବିଦ୍ୟୁତକରଣ କାର୍ଯ୍ୟ ସମୟ ଅବଧି ମଧ୍ୟରେ ସମାପ୍ତ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ କ୍ୟାପଟେନ ମିଶ୍ର ଡୁଙ୍ଗୁରିପାଲି ବ୍ଲକ ବିଦ୍ୟୁତିକରଣ କାର୍ଯ୍ୟର ସମୀକ୍ଷା କରିବା ସହିତ ବଳକା ଥିବା ଦୁଇଟି ଗ୍ରାମରେ ଶତପ୍ରତିଶତ ବିଦ୍ୟୁତିକରଣ କାର୍ଯ୍ୟ ଏକ ସପ୍ତାହ ମଧ୍ୟରେ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ମନ୍ତ୍ରୀ ଜିଲ୍ଲାର ବିଦ୍ୟୁତ ରାଜସ୍ୱ ଆଦାୟ ଉପରେ ସମୀକ୍ଷା କରିବା ସହ ଖିଲାପକାରୀ ଉପଭୋକ୍ତାଙ୍କ ଠାରୁ ବକେୟା ବିଦ୍ୟୁତ ଶୁଳ୍କ ଆଦାୟ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଯେଉଁ ଖିଲାପକାରୀ ଉପଭୋକ୍ତାଙ୍କର ବକେୟା ଏକଲକ୍ଷ ଟଙ୍କାରୁ ଅଧିକ ସେମାନଙ୍କ ବିଦ୍ୟୁତ ସଂଯୋଗ ଛିନ୍ନ ସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହାର ଏକ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବା ପାଇଁ ମନ୍ତ୍ରୀ କ୍ୟାପଟେନ ମିଶ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ନିର୍ବାହୀ ଯନ୍ତ୍ରୀ ଜେ.ସି. ପାତ୍ର, ଏସଡିଓ, ସୋନପୁର ଅନୁକୂଳ ଚନ୍ଦ୍ର ମହାନ୍ତି, ଏସଡିଓ, ବିନକା ରଶ୍ମିରଞ୍ଜନ ଜେନା, ଏସଡିଓ, ବୀରମହାରାଜପୁର ଏନ. ସଞ୍ଜିବ କୁମାର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଙ୍ଗାକୁମାର କ୍ରିକେଟ ଟୁର୍ଣ୍ଣାମେଂଟର ତୃତୀୟ କ୍ୱାଟର ଫାଇନାଲରେ ତୁକଲା ବିଜୟୀ

ନୂଆପଡ଼ା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବିଜେପୁର ଗ୍ରାମ ଠାରେ ଅନୁଷ୍ଠିତ ୪ତମ ଗଙ୍ଗାକୁମାର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟର ଫାଇନାଲରେ ବରଗାଁ ଦଳକୁ ପରାସ୍ତ କରି ତୁକଲା ଦଳ ବିଜୟୀ ହୋଇଅଛି । ତୁକଲା ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ ହରାଇ ୨୧୭ ରନ ସଂଗ୍ରହ କରିଥିଲା । ଏଥିରେ ଗୋବର୍ଦ୍ଧନ ୪୧ ବଲରେ ୬୫ ରନ କରି ୨ ୱିକେଟ ନେଇ ମେନ ଅଫ ଦି ମ୍ୟାଚ ହୋଇଥିଲେ । ସେହିପରି ପିତମ ପାନ ୩୮ ବଲରେ ୫୦ ରନ କରି ୩ ୱିକେଟ ନେଇଥିଲେ । ଭବାନୀ ୨୪ ବଲରେ ୫୪ ରନ କରି ସେମି ଫାଇନାଲରେ ପହଞ୍ଚିଥିଲେ । ବରଗାଁ ଦଳ ୧୬ ଓଭର ୫ ବଲରେ ୧୦୮ ରନ କରି ସମସ୍ତ ୱିକେଟ ହରାଇ ପରାଜିତ ହୋଇଥିଲେ । ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ, ଅତିରିକ୍ତ ମୁଖ୍ୟ ଅତିଥି ଭାବରେ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧ୍ୟକ୍ଷା ଖୁଲଣା ବେହେରା, ସମ୍ମାନିତ ଅତିଥି ଭାବରେ ଖଡିଆଳ ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ମମତା ମଞ୍ଜରୀ ଥାପା, ମଣ୍ଡୋସିଲ ସମିତିସଭ୍ୟା କୁମାରୀ ପଣ୍ଡା, ମହିଳା ସଭାପତି ଯଶୋଦା ସିନ୍ଧୁର ପ୍ରମୁଖ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଗଙ୍ଗାକୁମାର କ୍ରିକେଟ ମେମୋରିଆଲ କମିଟିର ସଭାପତି ସୁରେନ୍ଦ୍ର କୁମାର, ସମ୍ପାଦକ ଅର୍ଜୁନ ହରପାଳ, ଉପ ସଭାପତି ମକୁନ୍ଦ ନାଗ ପ୍ରମୁଖ ନେତୃତ୍ୱ ନେଉଥିବା ବେଳେ ସୋମନାଥ ଖରସେଲ, ବବରୁ ପାତ୍ର, ନନ୍ଦୁ ଶବର, ଶିବଦତ କୁମାର, ଗଜାନନ ସୁନାନୀ, ଦୁର୍ଗାଚରଣ ବନଛୋର, ଦୀନବନ୍ଧୁ ଶବର, ନବୀନ ଶବର, ଅନନ୍ତ ଶବର, ଉପେନ୍ଦ୍ର ଶବର, କୁଳମଣି ନାଗ, ସର୍ବେଶ୍ୱର ଶବର, ଅଙ୍କିତ ଶବର, ପିଙ୍କୁ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଅନୁଷ୍ଠିତ ହେବ ଜାତୀୟ ସ୍ତରୀୟ ରକ୍ତଦାନ ସଂଗଠନ ସମ୍ମିଳନୀ

ଭୁବନେଶ୍ୱର, (ପିଏନ)-- ଆସନ୍ତା ୧୪ ଡିସେମ୍ବର ସକାଳ ୧୦ଟାରୁ ଭୁବନେଶ୍ୱରସ୍ଥିତ ଇଉକଲ ଅଡିଟୋରିୟମରେ ସମର୍ପିତ ସୋସିଆଲ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଜାତୀୟ ରକ୍ତଦାନ ଅନୁଷ୍ଠାନମାନଙ୍କୁ ନେଇ ଏକଦିବସ ସମ୍ମିଳନୀ ଅନୁଷ୍ଠିତ ହେବ । ରକ୍ତଦାନ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଓ ସମାଧାନ ଏବଂ ଶତ ପ୍ରତିଶତ ସ୍ୱେଚ୍ଛାକୃତ ରକ୍ତଦାନ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ।

ଏତଦ୍‌ବ୍ୟତୀତ ସ୍ୱେଚ୍ଛାକୃତ ରକ୍ତଦାନକୁ ଆଉ ଦୁଇପାଦ ଆଗେଇ ନେବାକୁ ଏହି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଅନୁଷ୍ଠାନ, ବ୍ୟକ୍ତିବିଶେଷ, ସ୍ୱେଚ୍ଛାସେବୀ, ରକ୍ତଭଣ୍ଡାର ଅଧିକାରୀ, ରକ୍ତଭଣ୍ଡାର କର୍ମଚାରୀ ଓ ଭାରତବର୍ଷର ବିଭିନ୍ନ ରାଜ୍ୟରୁ ଆସିଥିବା ରକ୍ତଦାନ ସଂଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସୈାଚ୍ଛିକ ରକ୍ତଦାନକୁ ପ୍ରୋତ୍ସାହିତ କରିବା ।

ଏହି ଏକ ଦିବସୀୟ ସମ୍ମିଳନୀରେ ଭାରତବର୍ଷର ବିଭିନ୍ନ ରାଜ୍ୟରୁ ୬୫ରୁ ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଅନୁଷ୍ଠାନର ପ୍ରତିନିଧି, ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡାକ୍ତର, ସ୍ୱେଚ୍ଛାସେବୀ ଓ ରକ୍ତଦାତାମାନେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ଏହି ଅବସରରେ ରକ୍ତଦାନ ସମ୍ପର୍କିତ ସଫଳ କାହାଣୀକୁ ଅଧାର କରି ଅନୁଷ୍ଠାନର ବାର୍ଷିକ ସ୍ମରଣୀକା ଅମୃତଧାରା ଉନ୍ମୋଚିତ କରାଯିବ । ଏହି ସମ୍ମିଳନୀ ଦିନ ୧୦ଟାରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇ ସନ୍ଧ୍ୟା ୮ଟାରେ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ଓଡ଼ିଶାର ନୃତ୍ୟ ଓଡ଼ିଶୀ, ଗୋଟିପୁଅ ଇତ୍ୟାଦି ଜାତୀୟସ୍ତରୀୟ ପ୍ରତିନିଧିମାନଙ୍କ ସମ୍ମୁଖରେ ପ୍ରଦର୍ଶିତ ହେବ ।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବାପାଇଁ ସମ୍ମତି ପ୍ରକାଶ କରିଛନ୍ତି । ଆଜି ଜୟଦେବ ଭବନର ପ୍ରଦର୍ଶନୀ କକ୍ଷରେ ସମର୍ପିତ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶ୍ରୀ ସଂଗ୍ରାମ କେଶରୀ ପାଇକରାୟ, ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ସଦାଶିବ ଜେନା, ସମ୍ପାଦକ ଶ୍ରୀକାନ୍ତ ମହାପାତ୍ର, ବିଶ୍ୱଜିତ ମଲ୍ଲିକ, ସିଦ୍ଧାର୍ଥ ଶଙ୍କର ସାହୁ, ବିସ୍ମୟ ରାଉତ, ସାର୍ଥକ କୁମାର ପରିଡ଼ା ଓ ସମ୍ପାଦିକା ପ୍ରିୟା ଗଡ଼ନାୟକ ଉପସ୍ଥିତ ଥିଲେ ।

# ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ




ଚଣ୍ଡିଖୋଲ ୧୧/୧୨ (ପିଏନ): ଓଡ଼ିଶା ଦଳିତ ଅଧିକାର ମଞ୍ଚ ତରଫରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ଯୁବ ତାଲିମ କେନ୍ଦ୍ର ବନ୍ଦାଳୋ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଓଡ଼ିଶା ଦଳିତ ଅଧିକାର ମଞ୍ଚର ଯାଜପୁର ଜିଲା ସଭାପତି ରାଜେସ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବଡ଼ଚଣା ଥାନା ଅଧିକାରୀ ଦିପକ କୁମାର ଜେନା, ଯୋଗ ଦେଇ ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ପ୍ରତ୍ୟେକ ନାଗରିକ ମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ବିଶ୍ୱ ଘୋଷଣା ନାମାରେ ଭାରତ ସରକାର ଚୁକ୍ତି କରିଥିଲେ । ଭାରତ ସରକାରଙ୍କ ଦ୍ୱାରା ମାନବିକ ଅଧିକାର ଆଇନ ୧୯୯୩ ଦ୍ୱାରା ଭାରତରେ ମାନବିକ ଅଧିକାର ପ୍ରତିଷ୍ଠା କରି ସମାଜରେ ମାନବିକ ନ୍ୟାୟ ପ୍ରତିଷ୍ଠା, ନିର୍ଯ୍ୟାତନା ଓ ଦଳିତ ଅଧିବାସୀ ମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଚୁକ୍ତିବଦ୍ଧ । ଯେଉଁ ମାନଙ୍କର ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି, ସେମାନେ ନ୍ୟାୟାଳୟର ଆଶ୍ରୟ ନେଇ ସେମାନଙ୍କ ଅଧିକାରକୁ ସାବ୍ୟସ୍ତ କରିପାରିବେ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସବ ଇନ୍ସପେକ୍ଟର ଏସ. ଖାନ, ଏସ.ଆଇ ବିଜୟ ତରାଇ, ଓଡ଼ିଶା ଦଳିତ ଅଧିକାର ମଞ୍ଚର ସଭାପତି ମାନସ ଜେନା, ରାଜ୍ୟ ସଂଯୋଜକ ପ୍ରଶାନ୍ତ ମଲିକ, ଜିଲା ସଭାପତି ଗଙ୍ଗାଧର ହସ, ରବିନ୍ଦ୍ର ଦିପ, ରୋହିତ ସାମଲ, ଚନ୍ଦ୍ରମଣି ହାଂସଦା, କାମାକ୍ଷା ନାୟକ, ଖୋର୍ଦ୍ଧା ଜିଲା ସଭାପତି ରାଜୀବ ନାୟକ, ପ୍ରମୁଖ ଯୋଗ ଦେଇ ଦଳିତ ଅଧିକାର ଉପରେ ଆଲୋଚନା କରିଥିଲେ । ଏହି ସଭାରେ ଜିଲା ଅଣସଂଗଠିତ ସମନ୍ୱୟ କମିଟିର ସଭାପତି ନୃସିଂହ ଚରଣ ମିଶ୍ର, ସଂପାଦକ ରମେଶ ଜେନା, ଜିଲା ସଂଯୋଜକ ପ୍ରଫୁଲ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୁରେଶ ରାଜହଂସ, ଗୌରାଙ୍ଗ ମଲିକ, ପ୍ରସନ୍ନ ମଲିକ, ମମତା ସେଠୀ, ସବିତା ବାରିକ, ପୂର୍ବତନ ସରପଞ୍ଚ ଶ୍ରୀଚରଣ ମଲିକ, ମାଧବାନନ୍ଦ ମଲିକ, ଏହି ଅବସରରେ ରବିନ୍ଦ୍ର ଦୀପ, କାମାକ୍ଷା ନାୟକ, ସବିତା ଭୋଇ, ବସନ୍ତ ଜେନାଙ୍କୁ ନିତ୍ୟାନନ୍ଦ ଜେନା ସ୍ମୃତି ସ୍ମାରକି ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ଓଡ଼ିଶା ଦଳିତ ଅଧିକାର ମଞ୍ଚ ତରଫରୁ ମାନବିକ ଅଧିକାର ଶିବିରାର୍ଥୀ ରାକେଶ ଜେନା, ସୁନିତା ଭୋଇ, ସଚ୍ଚିଦାନନ୍ଦ ସେଠୀ ପ୍ରମୁଖଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଶେଷରେ ରାଜ୍ୟ ସଂଯୋଜକ ପ୍ରଶାନ୍ତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝର: ୧୬୮ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବାହାରିଲେ

କେନ୍ଦୁଝର, (ପିଏନ) : ଓଡିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କେନ୍ଦୁଝର ଜିଲ୍ଲାରୁ ୧୬୮ଜଣ ବରିଷ୍ଠ ନାଗରିକ ଚଳିତ ଡିସେମ୍ବର ୧୨ ତାରିଖରୁ ଉତର ଭାରତର ଋଷିକେଷ ଓ ହରିଦ୍ୱାର ଯାତ୍ରା କରିଛନ୍ତି । ଏହି ଉପଲକ୍ଷେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଭାରମ୍ଭ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଟଣା ବିଧାୟକ ଜଗନ୍ନାଥ ନାଏକ ପତାକା ହଲାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକମାନଙ୍କର ତୀର୍ଥଯାତ୍ରାର ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଧାୟକ ଶ୍ରୀ ଜଗନ୍ନାଥ ନାଏକ ଏବଂ ଜିଲ୍ଲାପାଳ ଶ୍ରୀ ଠାକରେ ୪ଟି ବସ୍‌ରେ ଯାଉଥିବା ତୀର୍ଥଯାତ୍ରୀମାନଙ୍କ ପାଖକୁ ଯାଇ ସେମାନଙ୍କର ଯାତ୍ରା ଶୁଭମୟ ଓ ଆନନ୍ଦଦାୟକ ହେଉ ବୋଲି କାମନା କରିଥିଲେ । ସୂଚନାଯୋଗ୍ୟଯେ, ଗୁରୁବାର ଅପରାହ୍ନ ୪ଟାରେ ଚାରୋଟି ବସ୍‌ରେ କେନ୍ଦୁଝରରୁ ବାହାରିଥିବା ତୀର୍ଥଯାତ୍ରୀମାନେ ବାଲେଶ୍ୱରଠାରେ ରାତ୍ରିଯାପନ କରିବେ । ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ୪୫ମି. ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ପରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ତୀର୍ଥଯାତ୍ରୀମାନେ ଋଷିକେଶ ଓ ହରିଦ୍ୱାର ଅଭିମୁଖେ ଯାତ୍ରା କରିବେ । ତୀର୍ଥଯାତ୍ରାକୁ ସୁବ୍ୟବସ୍ଥିତ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ୬ଜଣିଆ ସରକାରୀ କର୍ମଚାରୀ ଟିମ୍‌ଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲ୍ଲାର ତୀର୍ଥଯାତ୍ରୀମାନେ କେନ୍ଦୁଝରରୁ ଯାତ୍ରା ଆରମ୍ଭ କରିଛନ୍ତି ।

## ୩୫ତମ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଂଟ

# ସହିଦ ସ୍ପୋର୍ଟିଂ ଭୁବନେଶ୍ୱର ଫାଇନାଲରେ

ଧର୍ମଶାଳା,(ପିଏନ)- ଯାଜପୁର ବ୍ଲକ ଅନ୍ତର୍ଗତ ଝାଲପଡା ପଂଚାୟତ କାକୁଡିକୁଦ-ନୀଳକଣ୍ଠପୁରସ୍ଥ ସତ୍ୟସାଇ ଖେଳ ପଡିଆରେ ଚାଲିଥିବା ୩୫ତମ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟରେ ଆଜିର ୧ମ ସେମିଫାଇନାଲ ମ୍ୟାଚରେ ସ୍କାନ ସ୍ପୋର୍ଟିଂ ଭୁବନେଶ୍ୱରକୁ ୫ ଉଇକେଟରେ ହରାଇ ସହିଦ ସ୍ପୋର୍ଟିଂ ଭୁବନେଶ୍ୱର ବିଜୟ ଲାଭ କରି ପ୍ରଥମ ଦଳଭାବେ ଫାଇନାଲରେ ପ୍ରବେଶ କରିଛି । ସ୍କାନ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୩.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୭୦ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସ୍ମୃତି ରଂଜନ ପାତ୍ର ସର୍ବାଧିକ ୪୯ ରନ୍ କରିଥିବା ବେଳେ ବିଶ୍ୱରଂଜନ ଦାସ ୩୪ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଜିନା ଦାସ ଓ ସୁଶିଲ ବାରିକ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ୧୭୧ ରନର ବିଜୟ ଲକ୍ଷ୍ୟ ନେଇ ସହିଦ ସ୍ପୋର୍ଟିଂ ୨୪.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ଏହି ମ୍ୟାଚ୍ ଜିତିବା ସହ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଦଳ ପକ୍ଷରୁ ଆୟୁସ ନାୟକ ୨୫ ବଲରୁ ୫୧ ଓ ଅଭିନାଶ ଚମ୍ପତି ୩୦ ରନ କରିଥିଲେ । ବିପକ୍ଷ ଦଳର ବୋଲର ଗୁଡୁ ମହାନ୍ତି ଓ କାହ୍ନା ମହାନ୍ତି ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ । ସହିଦ ସ୍ପୋର୍ଟିଂ ଦଳର ଆୟୁସ ନାୟକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ କରାଯାଇଥିଲା ।

ଆଜିର ଖେଳକୁ ରମେଶ ମହାରଣା ଓ ଶରତ ଚନ୍ଦ୍ର ଜେନା ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରିୟନାଥ ରାଉତ, ସ୍କୋରରେ ସୁମନ ରାଉତ, ଚିନ୍ମୟ ଦଳାଇ, ଉତ୍କଳ ଜେନା, ସୁନିଲ ଜେନା, ସାଇ ଅନୁପ ସାହୁଙ୍କ ସମେତ ଶୁକଦେବ ବିଶ୍ୱାଳ, ବଳରାମ ସାହୁ, ଆଲୋକ ବିଶ୍ୱାଳ ଓ ମନୋଜ କୁମାର ଜେନା ସହଯୋଗ କରିଥିଲେ । ଆସନ୍ତା କାଲି ୨ୟ ସେମିଫାଇନାଲ ମ୍ୟାଚ ଇଲେଭେନ ଷ୍ଟାର ଯାଜପୁର ସହିତ ବିଶ୍ୱଭାରତୀ କଟକ ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# କୁଆଁରମୁଣ୍ଡା ୧୧ ଲକ୍ଷ ଡ଼କାୟତି ଘଟଣା : ୪ ଗିରଫ

## ୨ ପିସ୍ତଲ, ଗୁଳି, ନଗଦ ୪ ଲକ୍ଷ ଟଙ୍କା ଓ ଡ଼କାୟତିରେ ବ୍ୟବହୃତ ଦୁଇଟି ବାଇକ୍ ଜବତ

ସୁନ୍ଦରଗଡ଼, (ପିଏନ)-ରାଉରକେଲା ନିକଟ କୁଆଁରମୁଣ୍ଡାରେ ଅକ୍ଟୋବର ୧୫ ତାରିଖରେ ସଂଗଠିତ ୧୧ ଲକ୍ଷ ଟଙ୍କା ଡ଼କାୟତି ଘଟଣାରେ ବୀରମିତ୍ରପୁର ପୋଲିସ ଆଜି ଭୋର୍‌ରୁ ୪ ଜଣ ଡ଼କାୟତଙ୍କୁ ଗିରଫ କରିଛି । ସେମାନେ ହେଲେ ବୀରମିତ୍ରପୁରର ପିଂଟୁ ସାହୁ, ଝୁରମୁରର ସାମୁଏଲ୍ ଏକ୍କା, କୁଆଁରମୁଣ୍ଡା ନୀତିଶ ମିଶ୍ର ଓ ମହମ୍ମଦ ତାରିକ ସଲିମ୍ । ସେମାନଙ୍କ ନିକଟରୁ ଦୁଇଟି ପିସ୍ତଲ, ଦୁଇଟି ଗୁଳି, ନଗଦ ୪ ଲକ୍ଷ ଟଙ୍କା ଓ ଡ଼କାୟତିରେ ବ୍ୟବହୃତ ଦୁଇଟି ବାଇକ୍ ଜବତ ହୋଇଛି ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୧୫ ତାରିଖରେ କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଭତା ବଂଟନ ପାଇଁ ଏକ ବୋଲେରୋ ଯୋଗେ ରାଉରକେଲାର ଏକ ଘରୋଇ ବ୍ୟାଙ୍କରୁ ଟଙ୍କା ନିଆଯାଉଥିଲା । ଏହି ସମୟରେ ଡ଼କାୟତ ମାନେ ପ୍ରଥମେ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ । ଗାଡ଼ିଟି ଅଟକିବା କ୍ଷଣି ଦୁର୍ବୃତ ମାନେ ଟଙ୍କା ବ୍ୟାଗ୍ ଧରି ଘଟଣାସ୍ଥଳରୁ ଆଖି ପିଛୁଳାକେ ଚମ୍ପଟ୍ ମାରିଥିଲେ । ଗାଡ଼ିରେ ଥିବା ସୁରକ୍ଷାକର୍ମୀ ଏଥିରେ ଆହତ ହୋଇଥିଲେ । ପୂର୍ବରୁ ପୋଲିସ ଏହି ଡ଼କାୟତି ଘଟଣାରେ ସହଯୋଗ କରିବା ଅଭିଯୋଗରେ ଜଣେ ହୋମଗାର୍ଡ୍ ଏବଂ କୁଆଁରମୁଣ୍ଡା ପଂଚାୟତ ସମିତିର ଜଣେ ଯୋଗାଣ ସହାୟକଙ୍କୁ ଗିରଫ କରିଥିଲା । ତେବେ ଏହି ଡ଼କାୟତିରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣଙ୍କୁ ଧରିବାକୁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରୀ ରହିଥିବା ସୂଚନା ମିଳିଛି ।




# ଧୂମପାନ ଓ ବିଜ୍ଞାପନ



ଭୁବନେଶ୍ୱର (ପିଏନ୍): ଧୂମପାୟୀମାନଙ୍କୁ ସେମାନଙ୍କ ଏ ଅଭ୍ୟାସରୁ ବିରତ ରଖିବା ଲାଗି କେନ୍ଦ୍ର ସରକାର ଯେଉଁ ନୂତନ ନିୟମଟିର ପ୍ରଚଳନ କରିଛନ୍ତି ତାହା ସିଗାରେଟ ତିଆରି କରୁଥିବା କମ୍ପାନୀମାନଙ୍କ ଲାଗି ଗ୍ରହଣଯୋଗ୍ୟ ହୋଇପାରିନାହିଁ। ସରକାରଙ୍କ ନୂଆ ନିୟମ ଅନୁସାରେ ଏକ ସିଗାରେଟ ପ୍ୟାକେଟର ୮୫ ପ୍ରତିଶତ ସ୍ଥାନରେ ଧୂମପାନର ବିପଦକୁ ସୂଚାଉ ଥିବା ଚିତ୍ର ରହିବା ବାଧ୍ୟତାମୂଳକ। ଏଭଳି ହେଲେ ସିଗାରେଟ ଟାଣୁଥିବା ଲୋକଙ୍କ ଭିତରେ ଅନେକ ଧୂମପାନରୁ ବିରତ ରହିପାରନ୍ତି ବୋଲି ଆଶା କରାଯାଉଛି। କିନ୍ତୁ ସିଗାରେଟ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକର କହିବା କଥା ହେଲା ଏ ମାମଲା ଅଦାଲତରେ ଥିବାରୁ ଏବଂ ଏକ ସଂସଦୀୟ କମିଟିର ବିଚାରାଧୀନ ଥିବାରୁ ଏ ନିୟମ ନେଇ ସ୍ୱଷ୍ଟତା ନାହିଁ। ତେଣୁ ସେମାନେ ଏହାକୁ ଗ୍ରହଣ କରିବାକୁ ଅସମର୍ଥ। ଗଲା ବର୍ଷ ସେପ୍ଟେମ୍ବର ୨୪ରେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏପ୍ରିଲ ୧, ୨୦୧୬ରୁ ଏ ନୂଆ ନିୟମ କଡ଼ାକଡ଼ି ଲାଗୁହେବ। କିନ୍ତୁ ଏହାକୁ ଆପାତତଃ ଗ୍ରହଣ ନକରି ଭାରତର ଅନ୍ୟତମ ସର୍ବବୃହତ୍ ସିଗାରେଟ ପ୍ରସ୍ତୁତକାରୀ କମ୍ପାନୀ ତାର କାରଖାନା ଇତିମଧ୍ୟରେ ବନ୍ଦ ହୋଇଯାଇଛି। ସିଗାରେଟ କମ୍ପାନୀଗୁଡ଼ିକର ଏଭଳି ଆଭିମୁଖ୍ୟ ପଛରେ ଥିବା କାରଣ ସଂପର୍କରେ ସେମାନେ ଯାହା ସଫେଇ ଦିଅନ୍ତୁ ନା କାହିଁକି, ଏହା ସ୍ୱଷ୍ଟ ଭାବେ ବୁଝାପଡ଼େ ଯେ ଏ ନୂଆ ନିୟମକୁ ମାନିଲେ ସେମାନେ ଗ୍ରାହକମାନଙ୍କୁ ହରାଇବାର ଯଥେଷ୍ଟ ଆଶଙ୍କା ନେଇ ସଂତ୍ରସ୍ତ। ଏବେ ଦେଖାଗଲାଣି ଯେ ଧୂମପାନର କ୍ଷତି ବାବଦରେ ସଚେତନତାର ପ୍ରସାର ହେତୁ ଏବଂ ଲୋକେ ଆପଣା ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ହେଉଥିବା କାରଣରୁ ଦେଶରେ ଧୂମପାନ କରୁଥିବା ଲୋକଙ୍କ ସଂଖ୍ୟାରେ ହ୍ରାସର ସୂଚନା ମିଳିଲାଣି। ଏକ ଅନୁଶୀଳନରୁ ଜଣାପଡ଼ିଛି ଯେ କିଶୋର ଏବଂ ତରୁଣ ବୟସରେ ଧୂମପାନ ପ୍ରତି ଆକର୍ଷିତ ହୋଇ ଏ ଅଭ୍ୟାସ ଆରମ୍ଭ କରିବାର ହାରରେ ଯଦିଓ ହ୍ରାସ ଘଟି ନାହିଁ, କିନ୍ତୁ ବୟସ ବଢ଼ିବା ସହିତ ଏହାକୁ ଏକ ବଦ୍ଧମୂଳ ଅଭ୍ୟାସରେ ପରିଣତ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟାରେ କ୍ରମାଗତ ହ୍ରାସ ଘଟି ଚାଲିଛି। ଧୂମପାନ ସେବନରେ ମୁଖଗହ୍ୱର, ହୃତ୍‌ପିଣ୍ଡ, ଯକୃତ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ ଓ ଖାଦ୍ୟନଳୀ ଇତ୍ୟାଦି ଶରୀରର ଅଂଶଗୁଡ଼ିକ ରୋଗାକ୍ରାନ୍ତ ହୁଅନ୍ତି। ଉଚ୍ଚରକ୍ତଚାପ, ହୃଦ୍‌ଘାତ, ପକ୍ଷାଘାତ, ଫୁସ୍‌ଫୁସ୍ କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର, ସ୍ୱରନଳୀର କ୍ୟାନସର ଓ ଅଗ୍ନ୍ୟାଶୟର କ୍ୟାନସର ଇତ୍ୟାଦି ଧୂମପାନ ସେବନ ଯୋଗୁଁ ହୋଇଥାଏ। ବେଶୀ ସଂଖ୍ୟାରେ ଅଧିକ ବର୍ଷ ଧୂମପାନ କଲେ ଏହି ରୋଗ ସବୁ ଦେଖାଯାଏ। ଯେଉଁମାନେ ଧୂମପାନ କରୁନାହାଁନ୍ତି କିନ୍ତୁ ପରିବେଶରେ ଧୂମପାନ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଯାହାକୁ କି ଦ୍ୱିତୀୟ ସ୍ତରର ଧୂମପାନ କୁହନ୍ତି ତାହାମଧ୍ୟ ଶରୀର ପକ୍ଷେ କ୍ଷତିକାରକ। ଦ୍ୱିତୀୟସ୍ତର ଧୂମପାନ ହେଉଛି ସିଗାରେଟ୍‌ର ଧୂଆଁ ଓ ମନୁଷ୍ୟର ନିଃଶ୍ୱାସରେ ଛାଡୁଥିବା ଧୂଆଁର ମିଶ୍ରଣ। ଗର୍ଭବତୀ ମହିଳାମାନେ ଏହି ଦ୍ୱିତୀୟ ସ୍ତରର ଧୂମପାନ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୁଅନ୍ତି ଓ ଶିଶୁ ମୃତ୍ୟୁର ହାର ମଧ୍ୟ ତିନିଗୁଣ ବୃଦ୍ଧି ପ୍ରାପ୍ତ ହୁଏ। ଧୂମପାନ ଦ୍ୱାରା ମନୁଷ୍ୟର ଆୟୁଶ ମଧ୍ୟ ଦଶ ପନ୍ଦର ବର୍ଷ କମିଯାଏ। ରକ୍ତ କ୍ୟାନସର, ଯକୃତ୍ କ୍ୟାନସର, ବୃହଦନ୍ତ୍ର କ୍ୟାନସର ଓ ପିତ୍ତକୋଷ କ୍ୟାନସରର ସଂଖ୍ୟା ଧୂମପାନ ବ୍ୟକ୍ତିଙ୍କ ଠାରେ ବେଶୀ ସଂଖ୍ୟାରେ ଦେଖାଯାଏ। ଧୂମପାନ ଦ୍ୱାରା କାର୍ବନ ମନୋକ୍ସାଇଡ, ସାଇନାଇଡ଼ ଓ ବେନ୍‌ଜୋପାଇରିନ୍ ଇତ୍ୟାଦି ରାସାୟନିକ ବସ୍ତୁ ଶରୀରକୁ ପ୍ରବେଶ କରି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରନ୍ତି। ରକ୍ତ ଶୀରା ପ୍ରଶିରା ସଙ୍କୁଚିତ ହୋଇ ବାରଜରସ୍ ରୋଗ ସୃଷ୍ଟି କରେ। ରକ୍ତରେ କୋଲେଷ୍ଟିରଲ୍, ଫିବ୍ରିନୋଜେନ୍ ଇତ୍ୟାଦିର ଅଂଶ ବୃଦ୍ଧି ପାଇ ହୃଦ୍‌ଘାତ ହୁଏ। ହୁକା ସେବନ ମଧ୍ୟ ଧୂମପାନ ଭଳି କ୍ଷତିକାରକ। ଧୂମପାନ ଦ୍ୱାରା ଖାଦ୍ୟନଳୀ ଓ ପେଟରେ ଘାଆ ସୃଷ୍ଟି ହୁଏ। ତେଣୁ ସିଗାରେଟ ପ୍ରସ୍ତୁତ କରୁଥିବା ଉଦ୍ୟୋଗ ଆଉ ଅଧିକ ଗ୍ରାହକ ହରାଇବା ସପକ୍ଷରେ ନାହିଁ। ସେଇ କାରଣରୁ ୨୦୧୪ର ନିୟମରେ ଅଣାଯାଇଥିବା ସଂଶୋଧନକୁ ସେମାନେ ସହଜରେ ମାନି ନେଇ ପାରୁନାହାନ୍ତି। କିନ୍ତୁ ଧୂମପାନ ଯେ ଏବେ ବି ଭାରତରେ ଏକ ସର୍ବ ବୃହତ୍ ସ୍ୱାସ୍ଥ୍ୟଗତ ବିପଦ ଏବଂ ମାରକ ହୋଇ ରହିଛି ଏହା ଦ୍ୱିଧାହୀନ ଭାବେ କୁହାଯାଇପାରେ। ଭାରତରେ ଏବେ ପ୍ରତି ବର୍ଷ ଏକ ନିୟୁତ ଲୋକ ଧୂମପାନଜନିତ ବ୍ୟାଧିରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ସାରା ପୃଥିବୀରେ ଧୂମପାନ କାରଣରୁ ମୃତ୍ୟୁମୁଖରେ ପଡୁଥିବା ଲୋକ ସଂଖ୍ୟାର ଏହାର ଏକ ଷଷ୍ଠାଂଶ। ଯଦି ଏ ହାରରେ ବିରାମ ନ ଲାଗେ ତେବେ ୨୦୩୦ ବେଳକୁ ଏହି କାରଣରୁ ମୃତ୍ୟୁ ଲାଭ କରୁଥିବା ଭାରତୀୟମାନଙ୍କ ସଂଖ୍ୟାରେ ୩୦ ପ୍ରତିଶତ ବୃଦ୍ଧି ଘଟିବାର ଆଶଙ୍କା ଅଛି। ଏହା ସତ ଯେ ଧୂମପାନକୁ ନେଇ ହୋଇଥିବା ନୂଆ ନିୟମକୁ ସିଗାରେଟ କମ୍ପାନୀମାନେ ଏତେ ସହଜରେ ଗ୍ରହଣ କରିବେ ନାହିଁ। ତେବେ ସରକାର ଏ କ୍ଷେତ୍ରରେ ଗୋଟିଏ କାମ କରିପାରିବେ। ସିଗାରେଟ ଟାଣିବା ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟଗତ କ୍ଷତିର ସଚିତ୍ର ସୂଚନାର ବହୁଳ ପ୍ରଚାର ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଆଲ ମିଡ଼ିଆରେ କରି ଧୂମପାନ କରିପାରିବେ। ବ୍ୟାପକ ଏବଂ ଲଗାତାର ପ୍ରଚାର ପ୍ରସାର ବଳରେ ପଲ୍‌ସ ପୋଲିଓ ଟୀକାକରଣର ବାର୍ତ୍ତା ଯେମିତି ଜନମନ ଭିତରକୁ ଭେଦିଗଲା ସେମିତି ଧୂମପାନର କୁଫଳ ବାବଦ ସଚେତନତା ଯଦି ସାଧାରଣ ଲୋକ ମନକୁ ଭେଦିଗଲା, ତେବେ ଅଧା ଲକ୍ଷ୍ୟ ହାସଲ ହେଲା ବୋଲି ବୁଝିବାକୁ ହେବ। ଏହା ହେଲେ ସିଗାରେଟ କମ୍ପାନୀଗୁଡ଼ିକ ଯାହା କରିବାକୁ ଚାହୁଁନାହାନ୍ତି ତାହା କରିବାକୁ ବାଧ୍ୟ ହେବା ଲୋଡ଼ା ପଡ଼ିବ ନାହିଁ। **(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭)**

## କେନ୍ଦୁଝରରେ ପ୍ରକୃତି ଓ ପର୍ଯ୍ୟଟନ ସମ୍ପର୍କରେ ଆଲୋଚନା



କେନ୍ଦୁଝର (ପିଏନ୍): ଓଡିଶାର ଅନ୍ୟତମ ପ୍ରାଚୀନ ସାହିତ୍ୟିକ ଅନୁଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଶୀତମୀଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମିଳନୀ ଭବନଠାରେ କେନ୍ଦୁଝରର ପ୍ରକୃତି ଓ ପର୍ଯ୍ୟଟନ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମିଳନୀ ସାହିତ୍ୟ ସଂସଦର ସଭାପତି ଡକ୍ଟର ବିମ୍ବାଧର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂପାଦକ ଡକ୍ଟର ଚିତ୍ତ ମିଶ୍ର ବିଷୟବସ୍ତୁର ତାତ୍ପର୍ଯ୍ୟ ସମ୍ପର୍କରେ ବିଶଦଭାବରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ରାମଚନ୍ଦ୍ର ସାହୁ କେନ୍ଦୁଝରର ବିଭିନ୍ନ ଜଳପ୍ରପାତ ସମ୍ପର୍କରେ ଉଲ୍ଲେଖ କରିବା ସହ ଭାଲୁଘର ସୌନ୍ଦର୍ଯ୍ୟ ନେଇ ନିଜ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବକ୍ତାଭାବେ ବିରଞ୍ଚି ନାରାୟଣ ସାମନ୍ତରାୟ ପ୍ରକୃତି ଓ ପର୍ଯ୍ୟଟନ ଉପରେ ନିର୍ଭରଶୀଳ ଆଦିବାସୀଙ୍କ ଜୀବନଜୀବିକା ଉପରେ ମତ ରଖିଥିଲେ। ଆଲୋଚନାରେ ବିଶେଷଭାବେ ସୁଜିତ୍ ମିଶ୍ର ଆନନ୍ଦପୁର ଉପଖଣ୍ଡରେ ରହିଥିବା ପ୍ରକୃତି ଓ ପର୍ଯ୍ୟଟନ ଉପରେ ଆଲୋଚନା କରିଥିଲେ। ପରେ ପରେ କେନ୍ଦୁଝରର ଜାଡ ଉପରେ କବିତା ପାଠ ହୋଇଥିଲା। ଏଥିରେ କବୟତ୍ରୀ ମମତାରାଣୀ ଜେନା, ସୋଭନା ଜେନା, ବିଣାପାଣି ଜେନା ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସହ ସଂପାଦକ ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସା ଦ୍ୱାରା ଭଲ ହୋଇପାରିବ ଅଟିଜମ୍



ଭୁବନେଶ୍ୱର (ପିଏନ୍): ସୋନୁ, ଡାକ ନାଁ କିନ୍ତୁ ସୁନା। ପିଲାଟି କଟକ ସିଡ଼ିଏର ଏକ ନାମଜାଦା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼େ। ପିଲାଟି ଦେଖିବାକୁ ରାଜକୁମାର ପରି ଚେହେରା। ତା'ର ବାପ ମାଆ ବେଶ ସମ୍ଭ୍ରାନ୍ତ ଆଉ ନିଜ ନିଜ ବୃତ୍ତିଗତ କ୍ଷେତ୍ରରେ ପ୍ରତିଷ୍ଠିତ। ଗୋଟିଏ ବୋଲି ପିଲାକୁ ବେଶ ଗେଲ ଆଦାରରେ ବଢ଼ାଇଥିଲେବି ପିଲାଟି କିନ୍ତୁ କିଛି ନା ବୁଝିଥାଏ ନା କହିବାକୁ ସମସ୍ତଙ୍କ ପରି ସକ୍ଷମ ହୋଇଥାଏ! ତା ବାପାମାଆ, ମିନୁ ପଟ୍ଟନାୟକ ନାମକ ଜଣେ ଭଲ ପ୍ରଶିକ୍ଷିତା ଓ ଜ୍ଞାନଗାରିମାରେ ପରିପୂର୍ଣ୍ଣ ଶିକ୍ଷାବିତ୍‌ଙ୍କ ସାହାଯ୍ୟ ନିଅନ୍ତି। ଆଶ୍ଚର୍ଯ୍ୟକର କଥା ସେ ଶିକ୍ଷାବିତ୍‌ଙ୍କ ପାଠପଢ଼ାର ଆକଟ ନୁହେଁ ବରଂ ସ୍ନେହ, ଭଲପାଇବା, ମମତାର ବନ୍ଧନୀ ଭିତରେ ବୁଝିବାକୁ ଚେଷ୍ଟା କରିଥାଏ ସମାଜର ଅଙ୍କାବଙ୍କା ଚିତ୍ର ଚରିତ୍ର ମାନଙ୍କୁ। ଶିକ୍ଷାବିତ୍ ଜଣକ ଅକ୍ଲାନ୍ତ ପରିଶ୍ରମ କରି ତା' ଜୀବନର ମାନଚିତ୍ରକୁ ବଦଳାଇବାର କିଛିଟା ସକ୍ଷମ ହୋଇଛନ୍ତି। ପିତାମାତା ଓ ପରିବାର ବେଶ କୃତଜ୍ଞ ରୁହନ୍ତି ସେହି ଶିକ୍ଷାବିତ୍‌ଙ୍କ ପାଖରେ। ଇଏ କେବଳ ଆମ ଚରିତ୍ରର ସୋନୁର କଥା ନୁହେଁ। ଏପରି ଅଗଣିତ ପିଲାମାନେ ଆମ ସମାଜରେ ରହିଛନ୍ତି। କେତେକ ପିତାମାତା ଧୈର୍ଯ୍ୟର ସହ ପରିସ୍ଥିତିକୁ ସମ୍ମୁଖୀନ ହୁଅନ୍ତି କିନ୍ତୁ ଆଉ କେତେକଙ୍କର ଧୈର୍ଯ୍ୟଚ୍ୟୁତ ହୋଇଯାଇଥାଏ। କେତେବର୍ଷ ତଳେ ବିଶିଷ୍ଟ ଅଭିନେତା ପ୍ରଯୋଜକ ଅମୀର ଖାନ୍‌ଙ୍କ ଏହି ଅଟିଜମ୍ ପିଲାଙ୍କୁ ନେଇ ଚଳଚ୍ଚିତ୍ର 'ତାରେ ଜମିନ୍ ପର' ବେଶ ଲୋକପ୍ରିୟ ହୋଇଥିଲା। ଘରେ ଘରେ ପିଲାମାନଙ୍କ ସ୍କୁଲରେ ଆଉ ଶୈକ୍ଷିକ ପରିବେଶ ଭିତରେ ଏହି ଚିତ୍ରଟି ଖୁବ୍ ମର୍ମସ୍ପର୍ଶୀ ଥିଲା। ବାସ୍ତବରେ ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ୧.୬ରୁ ୨ ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ। ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର ରକି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ। ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ ଯୋଗୁ ଶିଶୁଙ୍କଠାରେ ଏହା ଦେଖାଯାଇଥାଏ। ଏହା ଆରୋଗ୍ୟସାଧ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଏଥିରେ ଆକ୍ରାନ୍ତ ଶିଶୁମାନଙ୍କୁ କୌଣସି ସୁବିଧା ସୁଯୋଗ ଦିଆଯାଉ ନାହିଁ। ସୁବିଧାସୁଯୋଗ ଦିଆଯିବା ତ ଦୂରର କଥା ପ୍ରମାଣପତ୍ର ଖଣ୍ଡେ ପାଇବାକୁ ସରକାରୀସ୍ତରରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମା'ବାପାଙ୍କ ମୃତ୍ୟୁ ପରେ ଏହି ଶିଶୁମାନଙ୍କ ଦାୟିତ୍ୱ ନେବା ପାଇଁ ସରକାର କୌଣସି ବ୍ୟବସ୍ଥା କରୁ ନଥିବାରୁ ଅନେକ ମା'ବାପା ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ଏଥିରେ ଆକ୍ରାନ୍ତ ଶିକାର ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ରାଜ୍ୟରେ ସେପରି ଆଖିଦୃଶିଆ ଅନୁଷ୍ଠାନ ନାହିଁ। ଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟସାଧ ହୋଇପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା ବୋଲି ଚିକିତ୍ସକମାନେ ମତ ଦିଅନ୍ତି। ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି। ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ। ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ। ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ। କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ। ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ। ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ। ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ। ବ୍ୟକ୍ତିଗତ ଜୀବନରେ ଅନେକ ସମାଜ ସେବା ସଙ୍ଗଠନରେ ଜଡ଼ିତ ରହୁଥିବାରୁ ମୁଁ ଏହିପରି ପିଲାଙ୍କ ସଂସ୍ପର୍ଶରେ ଆସିଛି। ଦେଖିଛି ସେମାନେ ଆମ୍ଭମାନଙ୍କ ଠାରୁ ଟିକିଏ ମମତା ଆଉ ଭଲପାଇବା ପାଇଁ ଭାରି ବ୍ୟାକୁଳିତ। ପ୍ରତିବର୍ଷ ଅପ୍ରେଲ ୩କୁ ବିଶ୍ୱ ଅଟିଜିମ୍ ଦିବସ ଭାବରେ ଗ୍ରହଣ କରାଯାଇ ବିଭିନ୍ନ ସଚେନତା କାର୍ଯ୍ୟକ୍ରମ କରାଯାଇଥାଏ। ଭାରତର ୨ ପ୍ରତିଶତ ଲୋକ ଏବେ ମସ୍ତିଷ୍କ ବିକୃତିର ଶିକାର। ଏହାର ନିରାକରଣ କରା ନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିବ। ତେଣୁ ଏବେଠାରୁ ଏଥିପ୍ରତି ସଚେତନ ହେବା ଦରକାର। ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖାଯାଇଥାଏ। ସଚେତନତା ସୃଷ୍ଟି କରିବା ପାଇଁ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ବଡ଼ ବଡ଼ ସହରରେ ରେଡ଼କ୍ରସ ଭବନ ଓ ଷ୍ଟେଟ ବ୍ୟାଙ୍କ ସମେତ କେତେକ କୋଠାକୁ ନୀଳ ରଙ୍ଗର ଆଲୋକରେ ସଜାଯାଇଥାଏ। ଅଟିଜିମ୍ ପିଲାମାନଙ୍କୁ ନେଇ ଆଦୌ ପରିହାସ କରନ୍ତୁ ନାହିଁ। ଶିଶୁରୋଗ ବିଶେଷଜ୍ଞ ଓ ଶିଶୁ ମନସ୍ତାତ୍ତ୍ୱିକ ବିଜ୍ଞାନୀଙ୍କ ପରାମର୍ଶ ନିଅନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଆଉ ସବୁବେଳେ ପିଲାଟିର ଚର୍ତୁପାର୍ଶ୍ୱରେ ତାକୁ ଭଲପାଇବାର ବଞ୍ଚାଇବାର ମହକ ବାଣ୍ଟି ଦିଅନ୍ତୁ। ଦେଖିବେ ସବୁକିଛି ଠିକ୍ ହୋଇଯିବ। ଭଗବାନଙ୍କ ବରଦାନ ତ ଏହି ନିଷ୍କପଟ ଶିଶୁ। ତାଙ୍କ ଉପରେ ବିଶ୍ୱାସ ରଖି ପିଲାଟି ଭିତରେ ନିଜର ପିଲାବେଳକୁ ଖୋଜନ୍ତୁ। ନିଶ୍ଚିତ ଭାବରେ ତା'ଭିତରର ସୁରଭି ବିକଶିତ ହୋଇ ଏକ ପ୍ରସ୍ଫୁଟିତ ଗୋଲାପ ପାଲଟିଯିବ। **(ସୌଜନ୍ୟ: ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪)**

## ଭୁବନେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ମକ୍ ପାର୍ଲିଆମେଣ୍ଟ ଆୟୋଜିତ



ଭୁବନେଶ୍ୱର :ଆଜି ଭୁବନେଶ୍ୱରସ୍ଥ ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ୟୁନିଟ୍ -୮ସ୍ଥିତ ଡି.ଏ.ଭି ପବ୍ଲିକ୍ ସ୍କୁଲ୍‌ରେ ଏକ ମକ୍ ପାର୍ଲିଆମେଣ୍ଟ୍ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍କୁଲ୍‌ର ପିଲାମାନଙ୍କୁ ନେଇ ଦଳ ଗଢି ମକ୍‌ପାର୍ଲିଆମେଣ୍ଟ୍ ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଉକ୍ତ ପ୍ରତିଯୋଗୀତାରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଚମ୍ପିଅନ୍ ହୋଇଥିବା ବେଳେ ୟୁନିଟ୍ -୮ ଡି.ଏ.ଭି ସ୍କୁଲ୍ ଓ ବି.ଜେ.ଇ.ଏମ୍ ସ୍କୁଲ୍ ମିଳିତ ଭାବେ ରନର ଅପ୍ ହୋଇ ଯଥାକ୍ରମେ ଚମ୍ପିଅନ୍ ଓ ରନର ଅପ୍ ପୁରସ୍କାର ଆୟୋଜକଙ୍କ ଠାରୁ ପାଇଥିଲେ।

## ଦିବଂଗତ କ୍ଷୀରୋଦ ଚନ୍ଦ୍ର ରାଉତଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା

ତିର୍ତ୍ତୋଲ (ପିଏନ୍)-ଜନ୍ମ ଓ ମୃତ୍ୟୁ ମଣିଷ ଜୀବନର ଚିରନ୍ତନ ସତ୍ୟ। ତେବେ ଏଇ କ୍ଷଣିକ କଷଟି ଜୀବନ ଭିତରେ ଯିଏ ସମୟର ସାରାଂଶକୁ ଉପଲବ୍ଧି କରିପାରିଲା, ସେ ହିଁ ମୃତ୍ୟୁ ପରେ ଅମର ହୋଇଥାଏ। ସେଇ କୀର୍ତ୍ତି ଆଉ ଯଶ ତାକୁ ଚିରକାଳ ପାଇଁ ଅମର କରି ରଖେ। ସେମିତି ଜଣେ ମଣିଷ ଥିଲେ ସ୍ୱର୍ଗତଃ କ୍ଷୀରୋଦ ଚନ୍ଦ୍ର ରାଉତ। ସାରଳା ଏକାଡ଼େମୀ, କନକପୁରର ଶିକ୍ଷକ ଭାବେ କେବଳ ବଗାହୁରା କାହିଁକି ବରଂ ସାରା ଓଡ଼ିଶାରେ ପରିଚିତ ଥିଲେ। ତେବେ ତାଙ୍କ ମୃତ୍ୟୁରେ ସାରା ସହରରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଶିକ୍ଷକ ସମାଜ ତା'ର ଏକ ମାଇଲଖୁଣ୍ଟକୁ ହରାଇଥିଲା। ଦିବଂଗତ ଶ୍ରୀ କ୍ଷୀରୋଦଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା କରାଯାଇ ସମସ୍ତେ ସ୍ୱର୍ଗତଃ ଶ୍ରୀ ରାଉତଙ୍କ ସହ ବିତାଇଥିବା ଅନୁଭୂତିକୁ ବଖାଣିଥିଲେ। ଏହି ଅବସରରେ ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା 'କ୍ଷେତ୍ରଜ୍ଞ କ୍ଷୀରୋଦ' ପ୍ରକାଶ ପାଇଥିଲା। ଏହି ସଭାରେ ଅବିନାଶ ରାଉତ, ବରଦା ପ୍ରସନ୍ନ ରାଉତ, ଅବଶେଷ ରାଉତ, ଅଦ୍ୱୈତ ରାଉତ, ଅଶ୍ୱିନୀ ରାଉତ, ନିତ୍ୟାନନ୍ଦ ଜେନା, ବସବ କୁମାର ନନ୍ଦ, ରାଜଶ୍ରୀ ସ୍ୱାଇଁ, ଗୋଲକବିହାରୀ ପଲାଇ, ଦେବସ୍ମାନ ଦାସ ପ୍ରମୁଖ ଯୋଗ ଦେଇ ପୁସ୍ତକ ଲୋକାର୍ପଣ କରିଥିଲେ।

# "ପାଇକ ବିଦ୍ରୋହ"କୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଉ !

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ଐତିହାସିକ ମାଟି ଲାଲ୍ ରକ୍ତର ମାଟି। ଅନ୍ୟାୟ ବିରୋଧି ଇଂରୋଜ ବିରୋଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାଟି ଖୋର୍ଦ୍ଧା। ବରୁଣେଇ ପାଦଦେଶରେ ଭାରତର ମହାମହୀମ ରାଷ୍ଟ୍ରପତି ପାଇକ ସ୍ମାରକୀ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ପାଇକ ବୀରଙ୍କ ଇତିହାସରେ ଆଉ ଏକ ମାଇଲ୍ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେଥିପାଇଁ ମହାମହୀମ ରାଷ୍ଟ୍ରପତିଙ୍କୁ ନିଖିଳ ଓଡ଼ିଶା ପାଇକ ମହାସଂଘ ଶତ ଶତ ସାମରିକ ଅଭିନନ୍ଦନ ଜ୍ଞାପନ କରିଛି ବୋଲି ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ପାଇକ ପୁଅ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ମଧ୍ୟ ଭୂୟସୀ ପ୍ରଶଂସନୀୟ। ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଳନ ଓ କେନ୍ଦ୍ର ସରକାରଙ୍କର ବଜେଟରେ ଅର୍ଥ ବରାଦ ଏହା ପାଇକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟ ସରକାର ଅକୁଣ୍ଠ ଚିତ୍ତରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ପାଇଁ ବିନା ମୂଲ୍ୟରେ ଜମି ପ୍ରଦାନ ଓ ଉଦ୍ୟମକୁ ମହାସଂଘ ସାଧୁବାଦ ଜଣାଉଛି। ଏହାଭିତରେ ପାଇକ ପୁଅର ଅର୍ଥନୈତିକ ପ୍ରଗତିର ଆବଶ୍ୟକତା ରହିଛି। ଐତିହ୍ୟ ସ୍ଥାପନ ସହିତ ପାଇକ ପୁଅର ଅର୍ଥନୈତିକ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ମହାସଂଘ ଦାବି କରିଛି। ପାଇକ କିଭଳି ଦାଦନ ଖଟିବାକୁ ଦେଶାନ୍ତର ନହୁଏ ସେଥି ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ତଥା ପାଇକ ଆଖଡ଼ା ବଞ୍ଚିବାକୁ ହେଲେ ଏହାକୁ ତୁରନ୍ତ ରାଜ୍ୟ ସରକାର ସ୍କୁଲ୍ ଓ କଲେଜରେ ସାମିଲ୍ କରି ଏହାକୁ ସ୍କାଉଟ୍ ଗାଇଡ୍, ଏନ୍‌ସିସି ଭଳି ମାନ୍ୟତା ଦେବାର ଆବଶ୍ୟକତା ରହିଛି। ଓଡ଼ିଶାରେ ପାଇକ ଏକାଡ଼େମୀ ଗଠନ ଓ ପାଇକ ଆଖଡ଼ାକୁ ରାଜ୍ୟ ସରକାର ତୁରନ୍ତ ରାଜ୍ୟ କ୍ରୀଡ଼ାର ମାନ୍ୟତା ଦେଇ ଓ ଘୋଷଣା କଲେ ତେବେ ଯାଇ ପାଇକ ବିଦ୍ରୋହର ସାର୍ଥକତା ପ୍ରକାଶ ପାଇପାରିବ।

ସେହିପରି କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ପାଠ୍ୟ ପୁସ୍ତକରେ ସ୍ଥାନ ଦେବ ପାଇକମାନଙ୍କ ପ୍ରତି ଏକ ବିରାଟ ଉପହାର। ଠିକ୍ ସେହିପରି କେନ୍ଦ୍ର ସରକାର 'ପାଇକ ବିଦ୍ରୋହ'କୁ ଦେଶର ପ୍ରଥମ ଇଂରେଜ ବିରୁଦ୍ଧ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରି ଏହା ଉପରେ ବିଜ୍ଞପ୍ତି ପ୍ରକାଶ କରି ଇତିହାସ ସଂଶୋଧନ କରିବାକୁ ପାଇ ମହାସଂଘ ଦାବି କରୁଛି। ପାଇ ସ୍ୱାର୍ଥରେ ଅଣପାଇକ ଓ ନିମକହାରାମ ଜାଗିରିଦାର ପାଇଥିବା ଅଣପାଇକମାନଙ୍କ କାର୍ଯ୍ୟକଳାପକୁ ମହାସଂଘ ତୀବ୍ର ବିରୋଧ କରୁଛି। ଆଜିର ଏହି ଅଭିନନ୍ଦନ ପର୍ବରେ ଖୋର୍ଦ୍ଧା ରାଷ୍ଟ୍ରପତିଙ୍କ ସମାରୋହରେ ଯୋଗ ଦେଇଥିବା ସମସ୍ତ ପାଇକବୀରମାନଙ୍କୁ ମହାସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଇକ ବିଶାରଦ କେଦାର ଦାସ, ପାଇକ ସର୍ଦ୍ଦାର ରଞ୍ଜନ ବଳିୟାରସିଂହ, ପାଇକଗୁରୁ ଖୋର୍ଦ୍ଧା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, ପାଇକଗୁରୁ ଭାସ୍କର ସୁନ୍ଦରାୟ, ଉପଦେଷ୍ଟା ବିଭୂତି ସ୍ୱାଇଁ, ଦଳବେହେରା ମନୋରଞ୍ଜନ ପଶ୍ଚିମ କବାଟ, ପ୍ରଫେସର ପାଇକ ଜିନ୍ ଗବେଷକ ଗାୟନ ସାମଲ, କଟକ ଜିଲ୍ଲା ସଭାପତି ରାଜକିଶୋର ବେହେରା, ରାଜ୍ୟ ଉପସଭାପତି ଭୀମସେନ ପାଇକରାୟ ପ୍ରମୁଖ ଯୋଗଦାନ କରିଥିଲେ।

## ମାନବ ଶୃଙ୍ଖଳ ମାଧ୍ୟମରେ ମାନବିକ ଅଧିକାର ସଚେତନତା



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଏବଂ ମାନବିକ ଅଧିକାର ଶିକ୍ଷା ସଂସ୍ଥାନର ମିଳିତ ଉଦ୍ୟମରେ ତା୧୦।୧୨।୧୯ରିଖ ଦିନ "ବିଶ୍ୱ ମାନବିକ ଅଧିକାର ଦିବସ" ପାଳିତ ହୋଇଅଛି। ଭୁବନେଶ୍ୱରର ବିଭିନ୍ନ ଉଚ୍ଚବିଦ୍ୟାଳୟମାନଙ୍କରୁ ଶତାଧିକ ସ୍କାଉଟ ଓ ଗାଇଡ୍ ରାଜ୍ୟ ମୁଖ୍ୟାଳୟ ସମ୍ମୁଖ ମଧୁସୂଦନ ମାର୍ଗରେ ଏକ ମାନବଶୃଙ୍ଖଳ ଗଠନ କରିଥିଲେ। ସମାଜରେ ପ୍ରତ୍ୟେକ ବ୍ୟକ୍ତିର ଥିବା ମାନବିକ ଅଧିକାର କିପରି କ୍ଷୁର୍ଣ୍ଣ ହେବାରେ ଲାଗିଛି ଏବଂ ପ୍ରତ୍ୟେକେ କିପରି ନିଜ ନିଜର ଅଧିକାର ବଜାୟ ରଖିପାରିବେ। ସେ ଦିଗରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍କାଉଟ ଓ ଗାଇଡ୍‌ମାନେ ବିଭିନ୍ନ ପ୍ଲାକାର୍ଡ ଧରି ମାନବ ଶୃଙ୍ଖଳରେ ସଚେତନତା ସୃଷ୍ଟିକରିବାପାଇଁ ପ୍ରୟାସ କରିଥିଲେ। ମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ମାନବିକ ଅଧିକାର ଶିକ୍ଷା ସଂସ୍ଥାର ପ୍ରମୁଖ ଅଧିକାରୀମାନେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

# ଖେଳ



# ପର୍ଯ୍ୟବେକ୍ଷକ

PARYABEKHYAK






## ସାନୀ ଇଣ୍ଡିଆ ପକ୍ଷରୁ ଏକ୍ସକନ-୨୦୧୯ରେ ବିସ୍ତୃତ ବର୍ଗର ନୂଆ ଉତ୍ପାଦର ବଜାର ପ୍ରବେଶ

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ ତଥା ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ୯ଟି ଉତ୍ପାଦର ବଜାର ପ୍ରବେଶ ସମ୍ପର୍କରେ ବେଙ୍ଗାଲୁରୁଠାରେ ଆୟୋଜିତ ଏକ୍ସକନ-୨୦୧୯ରେ ଘୋଷଣା କରାଯାଇଛି । ଏଠାରେ ଭାରତ ତଥା ବିଦେଶରୁ ୧୨୫୦ରୁ ଅଧିକ କମ୍ପାନୀ ଅଂଶ ଗ୍ରହଣ କରି ନିଜର ଉତ୍ପାଦ ପ୍ରଦର୍ଶନ କରିଛନ୍ତି । ଏଠାରେ ବିସ୍ତୃତ ବର୍ଗର ଏକ୍ସାଭେଟର, ଟ୍ରକ୍ କ୍ରାଓଲର, କ୍ରେନ୍, ରୋହ୍ ନିର୍ମାଣ ଯନ୍ତ୍ରାଂଶ, ଖଣି ଖନନ ଯ'ାଂଶ ଆଦି ପ୍ରଦର୍ଶନ ହୋଇଛି । ଏହା ଭାରତରେ ବ୍ୟାପି ବିଭିନ୍ନ ବିତରକ ଏବଂ ଡାଇରେକ୍ଟ ସେଲସ୍ ନେଟ୍ୱାର୍କରେ ଉପଲବ୍ଧ ହେବ ।ଏହାର ପ୍ରଥମ ଦିନରେ ସାନୀ ଇଣ୍ଡିଆ ଶ୍ରେୟୀ ଫାଇନାନ୍ସ ପକ୍ଷରୁ ୧୩୦ ଏକ୍ସାଭେଟର ଡେଲିଭରି ଅର୍ଡର ହାସଲ କରିଛି । ଏହି ଅବସରରେ ସାନୀ ଇଣ୍ଡିଆର ଦକ୍ଷିଣ ଏସିଆ ଏମଡି ଦୀପକ ଗର୍ଗ, ବିକ୍ରି ଏବଂ ବିପଣନ ନିର୍ଦ୍ଦେଶକ ଧୀରଜ ପଣ୍ଡା, ଏଚଇ ଏବଂ କଙ୍କ୍ରିଟ୍ ବିୟୁ ମୁଖ୍ୟ ସୟ ସାକ୍ସେନା, ଏକ୍ସାଭେଟର ବିୟୁ ମୁଖ୍ୟ ଶଶାଙ୍କ ପାଣ୍ଡେ, କଷ୍ଟମର ଫାଇନାନ୍ସ ମୁଖ୍ୟ ଅରୁଣ ରଘୁନାଥ ଏବଂ ଶ୍ରେୟୀ ଫାଇନାନ୍ସର ଏମଡି ଡି.କେ. ବ୍ୟାସ ଏବଂ ସଭାପତି ଅମିତ ଡାଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ସାନୀ ଗ୍ରୁପର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, ' ଆମେ ନୂତନ ଉତ୍ପାଦର ବଜାର ପ୍ରବେଶ କରାଇଥିବାରୁ ବେଶ୍ ଆନନ୍ଦିତ । ଏସବୁ ଉତ୍ପାଦ ଗୁଡ଼ିକ ବିକଶିତ ଭାବେ ଡିଜାଇନିଂ କରାଯାଇଛି । ଏଥିରେ ଫୁଏଲ୍ ଇଫିସିଏନ୍ସି, ସୁପରିୟର ପରଫରମାନ୍ସ, ବିଶ୍ୱାସନୀୟତା ତଥା ଡିଜିଟାଇଜେସନ ଆଦି ବୈଶିଷ୍ଟ୍ୟ ରହିଛି । ଏହି ଉତ୍ପାଦ ଗୁଡ଼ିକ ନିର୍ମାଣ କ୍ଷେତ୍ର ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ । ଏସ୍ୱାଇ-୨୬୦ ବ୍ରେକର ଏକ୍ସାଭେଟର ୨୬-୩୫ଟି କ୍ଲାସ୍ ରକ୍ ବ୍ରେକର ଭାବେ କାର୍ଯ୍ୟ କରିବ । ସେହିପରି ଏସ୍ୱାଇ-୨୮୫-ସି-୯ ଲଙ୍ଗ୍ ରିଚ୍ ଏକ୍ସାଭେଟର ୧୮ ମିଟର ପର୍ଯ୍ୟ' ଖନନ କରିବାକୁ ସକ୍ଷମ ।ସେହିପରି ଫାଷ୍ଟ ହ୍ୱିଲଡ୍ ୧୬୧ ଏଚପି ଏକ୍ସାଭଟେର ଏସ୍ୱାଇ-୧୫୫-ଡବ୍ଲ୍ୟୁ ଖନନ କରିବା ସହିତ ଘଂଟା ପ୍ରତି ୩୭ କିମି ବେଗରେ ଗତି କରି ପାରିବ ।ସାନୀର ନୂଆ ୧୦ ସିରିଜ୍ ଲାର୍ଜ କ୍ଲାସ୍ ଏକ୍ସାଭେଟର ଏସ୍ୱାଇ-୩୮୦-ସି-୧୦ଏଚଡି,ଏସ୍ୱାଇ-୫୦୦-ସି-୧୦ଏଚଡି ଏବଂ ଏସ୍ୱାଇ-୮୦୦-ସି-୧୦ଏଚଡିରେ ସିଆରଡିଆଇ ଇନ୍ ରହିଛି ଏହା ଖଣି ଖନନରେ ଉପଯୋଗୀ ସାବ୍ୟସ୍ତ ହେବ ।ଅପରପକ୍ଷରେ ସାନୀର ପ୍ରଥମ ହ୍ୱିଲ୍ ଲୋଡର ଏସ୍ୱାଇଏଲ-୯୫୬-ଏଚ୍-୫ ବହୁବିଧ କାର୍ଯ୍ୟ କରିବାକୁ ସକ୍ଷମ ହେବ । ଏହାକୁ କାର୍ଯ୍ୟକ୍ଷକ କରାଇବା ସହଜ । ଏହା ଗିୟରବକ୍ସ ଦ୍ୱାରା ସମ୍ଭବ ହୋଇପାରିବ ।

## ପିଜିଆଇ ପକ୍ଷରୁ 'ମାଇଁ ଫାଷ୍ଟ ଇଭାରା' କଲେକ୍ସନ

ଭୁବନେଶ୍ୱର: ଏବେର ନବବଧୁଙ୍କର ଜୀବନର ବିଶେଷ ମୁହୂର୍ତ୍ତଗୁଡ଼ିକୁ ଦର୍ଶାଇବା ପାଇଁ ପିଜିଆଇ ପକ୍ଷରୁ ପ୍ଲାଟିନମ ଇଭାରାର ନୂତନ କଲେକ୍ସନର ଶୁଭାରମ୍ଭ କରାଯାଇଛି । ପ୍ରକୃତି ଦ୍ୱାରା ପ୍ରେରିତ ପ୍ଲାଟିନମ ଇଭାରା ପକ୍ଷରୁ ଏହି ନୂତନ କଲେକ୍ସନ ଗୁଡ଼ିକ ବର୍ତ୍ତମାନର ନବବଧୂମାନଙ୍କ ପାଇଁ ଉତ୍ସର୍ଗୀକୃତ । ଏହି ଡିଜାଇନର ମୂଳତ୍ତ୍ୱ ତାର ଏହି ଜୀବନ ପର୍ଯ୍ୟାୟକୁ ପ୍ରତିଫଳିତ କରୁଛି । ଆପଣଙ୍କ ବିବାହ ପରିଧାନ ପାଇଁ ଏହି ନୂତନ ଇଭାରା କଲେକ୍ସନକୁ ସାରା ଭାରତରେ ଥିବା ଅଗ୍ରଣୀ ଅଳଙ୍କାର ରିଟେଲ ଷ୍ଟୋରଗୁଡ଼ିକରୁ କିଣିପାରିବେ । ଏହି ଡିଜାଇନ ପ୍ରକୃତି ଦ୍ୱାରା ପ୍ରେରିତ ଉପକରଣ ଯେମିତିକି ଇଉରଓ୍ୱିନିଙ୍ଗ ଲିଭସ, ଫ୍ଲୋରାଲ ପାଟର୍ଣ୍ଣ, ଆଭିଆନ ମୋଟିଫ ଆଦିକୁ ସାମିଲ କରିଛି, ଏକ ସୁନ୍ଦର ଏବଂ ଏପରି ଏକ ପ୍ଲାଟିନମ ଅଳଙ୍କାର ପ୍ରସ୍ତୁତ କରିବାକୁ ଚାହୁଁଛି ଯାହାକି ପ୍ରତ୍ୟେକ ନବବଧୁଙ୍କ ପାଖରେ ନିଶ୍ଚିତ ରୂପେ ରହିବା ଦରକାର ।

## କିସ୍ ଓ ଏମ୍‌ଡିଏଚ୍ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ : କନ୍ଧମାଳରେ ଖୁବ୍ ଶୀଘ୍ର ଖୋଲିବ କିସ୍‌ର ଶାଖା

ଭୁବନେଶ୍ୱର : ଭାରତର ପ୍ରସିଦ୍ଧ ମସଲା ଉତ୍ପାଦନକାରୀ କମ୍ପାନୀ ଏମ୍‌ଡିଏଚ୍ ଓ କିସ୍ ସହଯୋଗରେ କନ୍ଧମାଳ ଜିଲ୍ଲାର ଫୁଲବାଣୀ ସହରରେ ଖୁବ୍ ଶୀଘ୍ର କିସ୍‌ର ଏକ ଶାଖା ଖୋଲିବାକୁ ଯାଉଛି । ଗୁରୁବାର ଏ ନେଇ ନୂଆଦିଲ୍ଲୀଠାରେ କିସ୍ ଓ ଏମ୍‌ଡିଏଚ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କିସ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଏମ୍‌ଡିଏଚ୍ ମସଲା ପକ୍ଷରୁ ଏହାର ଅଧକ୍ଷ ପଦ୍ମଭୂଷଣ ମହାଶୟ ଧର୍ମପାଳ ଗୁଲାଟୀ ଏଥିରେ ସ୍ୱାକ୍ଷର କରିଥିଲେ । ବୁଝାମଣା ଅନୁସାରେ କନ୍ଧମାଳ-କିସ୍ ପାଇଁ ଏମ୍‌ଡିଏଚ୍ ପକ୍ଷରୁ ସମସ୍ତ ଆର୍ଥିକ ସହଯୋଗ ଯୋଗାଇ ଦିଆଯିବ । ଏ ନେଇ ପୂର୍ବରୁ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଶ୍ରୀ ଗୁଲାଟୀଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ସାମନ୍ତଙ୍କ ଅନୁରୋଧ କ୍ରମେ ଶ୍ରୀ ଗୁଲାଟୀ ଏଥିରେ ସମ୍ମିତି ପ୍ରକାଶ କରିବା ପରେ ଆଜି ନୂଆଦିଲ୍ଲୀରେ ଥିବା ଏମ୍‌ଡିଏଚ୍ କାର୍ଯ୍ୟାଳୟଠାରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । କନ୍ଧମାଳ-କିସ୍‌ରେ ଜିଲ୍ଲାର ୩ରୁ ୪ହଜାର ଗରିବ ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବାର ବ୍ୟବସ୍ଥା କରାଯିବ । ଏହି ଅବସରରେ ଶ୍ରୀ ସାମନ୍ତ, ଶ୍ରୀ ଗୁଲାଟୀଙ୍କୁ କୃତଜ୍ଞତା ଜଣାଇବା ସହ କହିଛନ୍ତି, କନ୍ଧମାଳ-କିସ୍ ସକାଶେ ଜମି କ୍ରୟ ସରିଛି ।



ଏକବର୍ଷ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସରିବା ପରେ ଛାତ୍ରଛାତ୍ରୀଙ୍କୁ ନିଆଯିବ । ଏହା ସହିତ ଏମ୍‌ଡିଏଚ୍ ପକ୍ଷରୁ ଏଠାରେ ମଧ୍ୟ ଶହେ ଶଯ୍ୟା ବିଶିଷ୍ଟ ଏକ ହସ୍‌ପିଟାଲ୍ ଖୋଲାଯିବ । କନ୍ଧମାଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ୟ ରଖିଛନ୍ତି । ସେଥିପାଇଁ ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟର କିପରି ବିକାଶ ହୋଇପାରିବେ ସେ ଦିଗରେ ବ୍ୟକ୍ତିଗତ ଭାବେ ମୁଁ ମଧ୍ୟ ଚେଷ୍ଟା କରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏଥିପାଇଁ ସହାୟତା ଯୋଗାଇ ଦେବା ସକାଶେ ଶ୍ରୀ ସାମନ୍ତ, ଶ୍ରୀ ଗୁଲାଟୀଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ସାମନ୍ତଙ୍କ ଅନୁରୋଧରେ ସନ୍ତୋଷ ବ୍ୟକ୍ତ କରି କନ୍ଧମାଳର ୩ଟି ସ୍ଥାନରେ ଏମ୍‌ଡିଏଚ୍ ମସଲାର ୩ଗୋଟି ୟୁନିଟ୍ ଖୋଲିବା ସହ ସ୍କୁଲ୍ ଓ ଡାକ୍ତରଖାନା ଖୋଲିବା ନେଇ ଶ୍ରୀ ଗୁଲାଟୀ ସମ୍ମତି ଜଣାଇଥିଲେ । ଏହା ବ୍ୟତୀତ କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡ଼ିଠାରେ ୧୦୦ କୋଠରୀ ବିଶିଷ୍ଟ ଏକ ହୋଟେଲ୍ ତଥା ରିସର୍ଟ ଖୋଲିବା ପାଇଁ ଏମ୍‌ଡିଏଚ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହା ହେଲେ କନ୍ଧମାଳରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଘଟି ପାରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏ ନେଇ ଏମ୍‌ଡିଏଚ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆଲୋଚନା ମଧ ହୋଇଛି । ଏହି ଅବସରରେ ଶ୍ରୀ ଗୁଲାଟୀ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଦେଶରେ ବିଶେଷ କରି ଜନଜାତି ଅଧୁଷିତ ଅଞ୍ଚଳରେ ଯେତେ ଅଧିକରୁ ଅଧିକ କାର୍ଯ୍ୟ କରାଯାଇପାରେ ତାହା କରାଯିବା ଉଚିତ । ଏହା ପୂର୍ବରୁ ସେ ଭାରତର ବିଭିନ୍ନ ସ୍ଥାନରେ ସ୍କୁଲ୍ ପ୍ରତିଷ୍ଠା କରି ଶିକ୍ଷାର ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି । ଓଡ଼ିଶାରେ କିସ୍ ସହ ମିଶି ଶିକ୍ଷାର ବିକାଶ କରିବାର ସୁଯୋଗ ମିଳିଥିବାରୁ ଏହା ଆଉ ଏକ ଅଧ୍ୟାୟ ଯୋଡ଼ି ହେଲା ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ସାମନ୍ତ ଓଡ଼ିଶାବାସୀ ତଥା କନ୍ଧମାଳବାସୀଙ୍କ ତରଫରୁ ଶ୍ରୀ ଗୁଲାଟୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଡିଏଚ୍ କମ୍ପାନୀର ଆର୍ଥିକ ପରାମର୍ଶଦାତା ବିନୋଦ କୁମାର ବିନ୍ଦଲ, ବିନୟ ଆର୍ଯ୍ୟ ଓ ଗୁଲାଟୀଙ୍କ କନ୍ୟା ମଧ ଉପସ୍ଥିତ ଥିଲେ ।

## ସିସ୍‌କୋ ପକ୍ଷରୁ ଡିଜିଟାଲ୍ ନୂତନତ୍ୱର ଆଗାମୀ ଦଶନ୍ଧୀ ପାଇଁ ଇଟଂରନେଟ୍ ଗଠନର ଯୋଜନା ବିଷୟରେ ଘୋଷଣା

ଭୁବନେଶ୍ୱର: ଏକ ନୂତନ ଇଟଂରନେଟ୍ ଗଠନ ଲାଗି ସିସ୍‌କୋ ପକ୍ଷରୁ ଆଜି ଏହାର ପ୍ରଯୁକ୍ତି ରଣନୀତିର ଅଧିକ ବିବରଣୀକୁ ଉନ୍ମୋଚନ କରାଯାଇଛି ଯେଉଁଥିରେ ବର୍ତମାନର ଭିତିଭୂମିରେ ଥିବା ସୀମାକୁ ଲଂଘି ପ୍ରଦର୍ଶନ, ଅର୍ଥନୈତିକ ଓ ବିଦ୍ୟୁତ ବ୍ୟବହାର ଠାରୁ ଆଗକୁ ବଢ଼ି ଏକ ଡିଜିଟାଲ୍ ନୂତନତ୍ୱ ପ୍ରସ୍ତୁତ କରାଯାଉଛି । ଆଗାମୀ ଦଶନ୍ଧୀ ପାଇଁ ଇଟଂରନେଟ୍ ନିମନ୍ତେ ଏକ ବହୁ ବର୍ଷର ଦର୍ଶନକୁ ନେଇ ସିସ୍‌କୋର ରଣନୀତି ବିଶ୍ୱର ଡେଭେଲପର୍‌ମାନଙ୍କୁ ସେହି ଆପ୍ଲିକେସନ ଓ ସେବା ବିକଶିତ କରିବା ଲାଗି ପଥ ପ୍ରଦର୍ଶନ ନିମନ୍ତେ ପ୍ରଯୁକ୍ତି ସମାଧାନ ପ୍ରଦାନ କରିଛି ଯେଉଁ ବିଷୟରେ ସେମାନେ ପରିକଳ୍ପନା କରିବା ଆରମ୍ଭ କରିଦେଇଛନ୍ତି । ସିସ୍‌କୋ ଏହାର ସଦ୍ୟତମ ନୂତନତ୍ୱ ସିସ୍‌କୋ ସିଲିକନ୍ ଓ୍ୱାନ୍‌କୁ ଉପସ୍ଥାପନ କରିଛି, ଯାହା ହେଉଛି ଶିଳ୍ପ ପାଇଁ ପ୍ରଥମ ଧରଣର ନେଟଓ୍ୱର୍କିଂ ସିଲିକନ୍ ଢ଼ାଂଚା; ନୂଆ ସିସ୍‌କୋ ୮୦୦୦ ସିରିଜ୍ ଜାରି କରିଛି, ନୂଆ ସିଲିକନ୍‌କୁ ନେଇ ସୃଷ୍ଟି କରାଯାଇଥିବା ବିଶ୍ୱର ସବୁଠୁ ଶକ୍ତିଶାଳୀ କ୍ୟାରିଅର କ୍ଲାସ୍ ରାଉଟର୍; ଏବଂ ନୂତନ କିଣାକିଣି ବିକଳ୍ପ ଘୋଷଣା କରିଛି ଯାହା ଗ୍ରାହକମାନଙ୍କୁ ଡିସ୍‌ଏଗ୍ରିଗେଟେଡ୍ ବିଜନେସ୍ ମଡେଲ୍‌ରେ କଂପାନିର ପ୍ରଯୁକ୍ତି ବ୍ୟବହାର କରିବା ଲାଗି ଗ୍ରାହକମାନଙ୍କୁ ସକ୍ଷମ କରିଛି । 'ନୂତନତ୍ୱ ଲାଗି ନିର୍ଦ୍ଦିଷ୍ଟ ନିବେଶ, ସଠିକ ଟିମ୍ ଏବଂ ସଂସ୍କୃତି ଦରକାର ଯାହା ପରିକଳ୍ପନାର ମୂଲ୍ୟ ବଢ଼ାଉଥିବ ବୋଲି ଚୁକ୍ ରବିନସ୍, ଅଧ୍ୟକ୍ଷ ଓ ସିଇଓ, ସିସ୍‌କୋ କହିଛନ୍ତି । ୫ଜି ଯୁଗ ପାଇଁ ଏକ ନୂତନ ଇଟଂରନେଟ୍ ଗଠନ କରି ଶିଳ୍ପରେ ପରିବର୍ତନ ଆଣିବାକୁ ଆମେ ପ୍ରତିବଦ୍ଧ ।

## ଭାରତର ସର୍ବବୃହତ୍ ଜାତୀୟସ୍ତରୀୟ ପ୍ରତିଭା ପ୍ରତିଯୋଗିତା 'ୟଙ୍ଗ୍ ଆର୍ଟିଷ୍ଟ ୨୦୨୦' ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର: ସଙ୍ଗୀତ ଓ ନୃତ୍ୟକ୍ଷେତ୍ରରେ ଏକ ଜାତୀୟସ୍ତରୀୟ ପ୍ରତିଭା ପ୍ରତିଯୋଗିତା 'ୟଙ୍ଗ୍ ଆର୍ଟିଷ୍ଟ ୨୦୨୦'ର ଆୟୋଜନ କରାଯାଇଛି, ଯାହାକି ଦେଶବ୍ୟାପୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଶାସ୍ତ୍ରୀୟ ଓ ଆଧୁନିକ କଳାର ଭିନ୍ନଭିନ୍ନ ବର୍ଗ ଓ ଅଭିବ୍ୟକ୍ତିକୁ ପ୍ରଦର୍ଶନ କରିବାଲାଗି ଉତ୍ସାହିତ କରିବ । ଏହି ଗ୍ରାଣ୍ଡ ୟଙ୍ଗ ଆର୍ଟିଷ୍ଟ ଫେଷ୍ଟିଭାଲ ଅଗଷ୍ଟ୨୦୨୦ରେ ଆୟୋଜିତ ହେବ ଏବଂ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ସଙ୍ଗୀତ ଓ ନୃତ୍ୟଶିଳ୍ପର ବିଶିଷ୍ଟବ୍ୟକ୍ତି ଯେପରିକି ଅମ୍‌ଜଦ୍ ଅଲ୍ଲୀଖାନ୍, ସୋଭନା ନାରାୟଣ, ଅରୁଣାସାଇରାମ, ଟେରେନ୍ସ ଲୁଇସ୍, ସାଲ୍‌ମଲି ଖୋଲ୍‌ଗଡେ ଓ ଅନ୍ୟାନ୍ୟ କିମ୍ବଦ'ୀ କଳାକାରଙ୍କ ଦ୍ୱାରା ପରାମର୍ଶ ଓ ପ୍ରଶିକ୍ଷଣ ପ୍ରାପ୍ତ କରିବାର ସୁଯୋଗ ପାଇପାରିବେ । ଏହି ମଞ୍ଚ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଓ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ୨୦ଟି ଭିନ୍ନଭିନ୍ନ ବର୍ଗରେ ଫାଇନାଲିଷ୍ଟମାନଙ୍କୁ ୧୦୦ଟି ବୃତ୍ତି ପ୍ରଦାନ କରିବା ସହ ୨୫ ଲକ୍ଷ୍ୟ ଟଙ୍କାର ବୃତ୍ତିର ବ୍ୟବସ୍ଥା ମଧ୍ୟ କରିଛି । ଏ ୟଙ୍ଗ୍ ଆର୍ଟିଷ୍ଟ ୨୦୨୦ର ଫର୍ମାଟ୍‌ର ଏକ ପ୍ରାଥମିକ ଅନ୍‌ଲାଇନ୍ ଅଡିସନ୍ ରହିଛି ଯେଉଁଥିରେ ଅଂଶଗ୍ରହଣକାରୀମାନେ ନିଜ ଭିଡିଓ ଏହି ପ୍ଲାଟ୍‌ଫର୍ମରେ ଅପଲୋଡ୍ କରିପାରିବେ । ୧୧ରୁ ୧୮ ବର୍ଷ ବୟସର ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ବର୍ତ୍ତମାନ ଏହି ୟଙ୍ଗ୍ ଆର୍ଟିଷ୍ଟ ୨୦୨୦ ପ୍ରତିଯୋଗିତା ଖୋଲା ରହିଛି ।ସରଦ୍ ବାଦକ, ଉସ୍ତାଦ୍ ଅମ୍‌ଜଦ୍ ଅଲ୍ଲୀଖାନ୍ କହିଛନ୍ତି ଯେ, 'ଏଭଳି ଯୁବକଳାକାରମାନଙ୍କ ସହ ଜଡିତ ହେବାକୁ ଓ ସେମାନଙ୍କ ସହ ମୋ ନିଜର ଅଭିଜ୍ଞତା ବାଣ୍ଟିବାକୁ ମୁଁ ସବୁବେଳେ ସ୍ୱପ୍ନ ଦେଖିଆସିଛି ଏବଂ ୟଙ୍ଗ୍ ଆର୍ଟିଷ୍ଟ ୨୦୨୦ ମୋତେ ମୋର ସ୍ୱପ୍ନକୁ ପୂରଣ କରିବାରେ ସହଯୋଗ କରୁଛି ।' ଏହି ପରିପ୍ରେକ୍ଷୀରେ ପ୍ରଖ୍ୟାତ ଗାୟିକା ସାଲ୍‌ମଲି ଖୋଲ୍‌ଗଡେ କହିଛନ୍ତି ଯେ, 'ୟଙ୍ଗ୍ ଆର୍ଟିଷ୍ଟ ଭଳି ମଞ୍ଚର ଅଧିକ ଆବଶ୍ୟକତା ରହିଛି ଯେଉଁଠାରେ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ଦେଖାଇପାରିବେ ।' ଲୋକପ୍ରିୟ କୋରିଓଗ୍ରାଫର ଟେରେନ୍ସ ଲୁଇସ୍ କହିଛନ୍ତି ଯେ, 'ଏହି ମଞ୍ଚ ଯୁବ କଳାକାରମାନଙ୍କୁ କଳା ମାଧ୍ୟମରେ ନିଜକୁ ବ୍ୟକ୍ତ କରିବା ଓ ନିଜଶକ୍ତିକୁ ପ୍ରସାର କରିବାର ସୁଯୋଗ ପ୍ରଦାନ କରିବ ।' ୟଙ୍ଗ୍ ଆର୍ଟିଷ୍ଟର ସହ ପ୍ରତିଷ୍ଠାତା କବିତା ଆୟର କହିଛନ୍ତି ଯେ, 'ଆମେ ଜାତୀୟସ୍ତରରେ ଉତ୍କୃଷ୍ଟ ଛାତ୍ର ପ୍ରତିଭାର ସନ୍ଧାନ କରିବାକୁ ଓ ତାହାକୁ ପାଳନ କରିବାକୁ ଚାହୁଁଛୁ ଏବଂ ସେମାନଙ୍କୁ କଳାସହ ନିଜର ଯାତ୍ରା ଜାରି ରଖିବାରେ ସହଯୋଗ କରିବାକୁ ଚାହୁଁଛୁ ।'

## ନ୍ୟୁରୋଜେନ୍ ବିଏସ୍‌ଆଇ ପକ୍ଷରୁ ଝାରସୁଗୁଡ଼ାରେ ଓଡିଶାର ସମସ୍ତ ସ୍ନାୟୁରୋଗୀଙ୍କ ପାଇଁ ମାଗଣା ଶିବିର

ରାଉରକେଲା: ଭାରତର ଅଗ୍ରଣୀ ନ୍ୟୁରୋ ରିଜେନେରେଟିଭ୍ ରିହାବିଲିଟେସନ ଥେରାପି ସେକ୍ଟର ମଧ୍ୟରୁ ଅନ୍ୟତମ ମୁମ୍ବାଇସ୍ଥିତ ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍‌ଷ୍ଟିଚ୍ୟୁଟ୍ (ବିଏସ୍‌ଆଇ) ଅଟିଜିମ୍, ସେରେବ୍ରାଲ ପାଲ୍‌ସି, ମସ୍କ୍ୟୁଲାର ଡାଇଷ୍ଟ୍ରୋଫି, ମେଣ୍ଟାଲ ରିଟାର୍‌ଡେସନ୍, ଭଳି ଅନେକ ଅସାଧ୍ୟ ସ୍ନାୟୁ ସମ୍ବନ୍ଧିତ ରୋଗଗୁଡିକରେ ପୀଡିତ ରୋଗୀମାନଙ୍କୁ ବଞ୍ଚିବାର ନୂଆ ଆଶା ପ୍ରଦାନ କରୁଛି । ଏହି କାରଣରୁ ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଆସ'ା ଡିସେମ୍ବର ୨୧ ତାରିଖରେ ଝାରସୁଗୁଡ଼ାରେ ସମସ୍ତ ସ୍ନାୟୁରୋଗରେ ପୀଡିତ ରୋଗୀମାନଙ୍କ ପାଇଁ ବିଶେଷକରି ପଶ୍ଚିମ ଓଡ଼ିଶା ପାଇଁ ଏକ ମାଗଣା ଓ୍ୱାର୍କସପ୍ କମ୍ ଓପିଡି ପରାମର୍ଶ କ୍ୟାମ୍ପର ଆୟୋଜନ କରାଯିବ । କାରଣ ସ୍ପାଇନାଲ କର୍ଡ ଇନ୍‌ଜ୍ୟୁରୀ, ମସ୍କୁଲାର ଡାଇଷ୍ଟ୍ରୋଫି, ଅଟିଜିମ୍, ସେରେବ୍ରାଲ ପାଲ୍‌ସି ଭଳି ରୋଗରେ ପୀଡିତ ରୋଗୀମାନଙ୍କ ପାଇଁ ଚିକିତ୍ସା ନିମନ୍ତେ ମୁମ୍ବାଇ ଗସ୍ତ କରିବା ଅତ୍ୟ' କଷ୍ଟକର ହେବ ବୋଲି ନ୍ୟୁରୋଜେନ୍ ବିଚାର କରୁଛି । ନ୍ୟୁରୋଜେନ୍ ବିଏସ୍‌ଆଇକୁ ଅସାଧ୍ୟ ସ୍ନାୟୁ ସମ୍ବନ୍ଧିତ ରୋଗରେ ପୀଡିତ ରୋଗୀମାନଙ୍କୁ ସାହାର୍ଯ୍ୟ କରିବା ପାଇଁ ସ୍ଥାପନ କରାଯାଇଛି । ଏଠାରେ ରୋଗୀମାନେ ଏକ ସୁରକ୍ଷିତ ଓ ପ୍ରଭାବୀ ଉପାୟରେ ଷ୍ଟେମ୍ ସେଲ୍ ଥେରାପିର ଉପଯୋଗ କରି ରୋଗର ଲକ୍ଷଣ ଓ ଶାରିରୀକ ଅକ୍ଷମତାରୁ ମୁକ୍ତି ପାଇପାରିବେ । ବର୍ତ୍ତମାନ ସୁଦ୍ଧା ଏହି ସଂସ୍ଥା ୬୫ରୁ ଅଧିକ ଦେଶର ପ୍ରାୟ ୯୦୦୦ରୁ ଅଧିକ ରୋଗୀଙ୍କୁ ସଫଳତାର ସହ ଚିକିତ୍ସା ପ୍ରଦାନ କରିଛି । ଏହି ଚିକିତ୍ସା ମାଧ୍ୟମରେ ସ୍ପାଇନୋ-ସେରେବେଲାର ଆଟାକ୍ସିଆ-ଭିଆଇ ରୋଗରେ ପୀଡିତ ୪୮ ବର୍ଷୀୟ ସୁଶୀଲ କୁମାର ବଡେଇ ଏବଂ ସମ୍ବଲପୁରର ୩୯ ବର୍ଷୀୟ ସୁଶା' କୁମାର ଲେଙ୍କାଙ୍କର ସଫଳ ଚିକିତ୍ସା ହୋଇପାରିଛି । ଏହି ଅସାଧ୍ୟ ରୋଗଗୁଡିକରେ ପୀଡିତ ଥିବା ରୋଗୀମାନେ ଏହି ମାଗଣା ଶିବିରରେ ଯୋଗ ଦେବା ପାଇଁ ଆପଏଣ୍ଟମେଣ୍ଟ ଲାଗି ପୁଷ୍କଳା ୦୯୮୨୧୫୨୯୬୫୩/୦୯୯୨୦୨୦୦୪୦୦ ନମ୍ବରରେ ଯୋଗାଯୋଗ କରିପାରିବେ । ଡଃ ନନ୍ଦିନୀ ଗୋକୁଳଚନ୍ଦ୍ରନ୍ କହିଛନ୍ତି ଯେ, 'ନ୍ୟୁରୋଜେନ୍‌ରେ ରୋଗୀମାନଙ୍କୁ କେବଳ ଷ୍ଟେମ୍ ସେଲ୍ ଥେରାପି ଦିଆଯାଉନାହିଁ ବରଂ ସେମାନନଙ୍କୁ ଷ୍ଟେମ୍ ସେଲ୍ ଥେରାପି ପରେ ଏକ ବ୍ୟାପକ ରିହାବିଲିଟେସନ ପ୍ରୋଗ୍ରାମରେ ରଖାଯାଉଛି ।' ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍‌ଷ୍ଟିଚ୍ୟୁଟ୍ ଓ ସିଓନ୍ ମୁମ୍ବାଇର ନିର୍ଦ୍ଦେଶକ ତଥା ଏଲ୍‌ଟିଏମ୍‌ଜି ହସ୍ପିଟାଲ ଆଣ୍ଡ ଏଲ୍‌ଟିଏମ୍ ମେଡିକାଲ କଲେଜ୍‌ର ନ୍ୟୁରୋସର୍ଜରୀ ବିଭାଗ ମୁଖ୍ୟ ତଥା ଅଧ୍ୟାପକ ଡକ୍ଟର ଆଲୋକ ଶର୍ମାଙ୍କ କହିବା ଅନୁସାରେ ଆମ ପକ୍ଷରୁ ପୂର୍ବରୁ ଯେଉଁ ଲକ୍ଷ ଲକ୍ଷ ରୋଗୀଙ୍କୁ ସେମାନଙ୍କ ରୋଗର କୌଣସି ଚିକିତ୍ସା ନାହିଁ ବୋଲି କୁହାଯାଇଥିଲା, ବର୍ତ୍ତମାନ ଆମେ ସେମାନଙ୍କୁ ବିଶ୍ୱାସର ସହ କହିପାରିବୁ ଯେ, ନ୍ୟୁରୋ ରିହାବିଲିଟେସନ୍ ସହ ଷ୍ଟେମ୍ ସେଲ୍ ଥେରାପିର ଉପଲବ୍ଧତା ଯୋଗୁଁ ଏବେ ସେମାନଙ୍କ ପାଇଁ ଭଲ ଦିନ ଆସିବାକୁ ଯାଉଛି ।

## ଭାରତୀୟ ସାଇବର ସୁରକ୍ଷା କ୍ଷେତ୍ରରେ କୁଇକ୍ ହିଲ୍‌ର ଉଲ୍ଲେଖନୀୟ କାର୍ଯ୍ୟକୁ ସ୍ୱୀକୃତି ଦେଲା ନାସକମ୍‌ର ଡାଟା ସୁରକ୍ଷା ପରିଷଦ

ଭୁବନେଶ୍ୱର : ଭାରତରେ ସାଇବର ସୁରକ୍ଷା କ୍ଷେତ୍ରରେ ଦୀର୍ଘ ୨୫ ବର୍ଷରୁ ଅଧିକ ସମୟ ଧରି କୁଇକ୍ ହିଲ୍ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦିତ କରିଛି । ଏନେଇ ନାସକମ୍‌ର ଡାଟା ସୁରକ୍ଷା ପରିଷଦ ପକ୍ଷରୁ କୁଇକ୍ ହିଲ୍ କୁ 'ସାଇବର ସିକ୍ୟୁରିଟି ପ୍ରଡକ୍ଟ ପାଓନିୟର ଇନ୍ ଇଣ୍ଡିଆ' ପୁରସ୍କାର ପ୍ରଦାନ କରାଯାଇଛି । ଡିଏସ୍‌ସିଆଇ ଏକ୍ସଲେନ୍ସ ଆଓ୍ୱାର୍ଡ-୨୦୧୯ ପ୍ରଦାନ ଉତ୍ସବରେ ଏହା ସମ୍ପନ୍ନ ହୋଇଛି । କୁଇକ୍ ହିଲ୍ ବି୨ବି, ବି୨ଜି ଏବଂ ବି୨ସି ସେଗମେଂଟ୍‌ରେ ନିଜର ଉପସ୍ଥିତି ଜାହିର କରିପାରିଛି । ଏହା ସହିତ ଆଇଟି ସୁରକ୍ଷା ଏବଂ ଡାଟା ସୁରକ୍ଷା ସମାଧାନ ଉପଲବ୍ଧ କରାଇବାରେ କୁଇକ୍ ହିଲ୍ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି ।କୁଇକ୍ ହିଲ୍ ମାର୍କେଟ୍ ଉପଯୋଗୀ ସାଇବର ସୁରକ୍ଷା ସମାଧାନ ଯୋଗାଇବା ସହିତ ଅସଂଖ୍ୟ ଗ୍ରାହକଙ୍କୁ ଆଡଭାନ୍ସଡ୍ ଥ୍ରେଟ୍ ଏବଂ ସାଇବର ଆକ୍ରମଣରୁ ସୁରକ୍ଷିତ ରଖିବାରେ ସହାୟକ ହୋଇପାରିଛି ।

## ଖୋର୍ଦ୍ଧାର ଦୁଇଟି ଗ୍ରାମରେ ଏଚ୍‌ସିସିବି ଦ୍ୱାରା ସିଏସଆର କାର୍ଯ୍ୟକ୍ରମ ଅନ୍ତର୍ଗତ କେତୋଟି ଉତ୍ସର୍ଗୀକୃତ ପଦକ୍ଷେପ



ଖୋର୍ଦ୍ଧା : ହିନ୍ଦୁସ୍ଥାନ କୋକା-କୋଲା ବେଭେରେଜେସ୍ (ଏଚ୍‌ସିସିବି) ଯାହାକି ଭାରତର ଏକ ପ୍ରମୁଖ ଏଫଏମସିଜେ ପ୍ରତିଷ୍ଠାନ ଏହାର ସକାରାତ୍ମକ ଆଭିମୁଖ୍ୟ ତଥା ବିଭିନ୍ନ ପ୍ରକାର ଉତ୍ସର୍ଗୀକୃତ ପଦକ୍ଷେପ ଦ୍ୱାରା ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଗ୍ରାମ ଯଥା ଜେମାଦେଈ, ଟାଙ୍ଗିବସ୍ତି, ମୁକୁନ୍ଦ ପ୍ରସାଦ, ବଡ଼ ସବରସାହି, ଚ୍ଛେରା ସବରସାହି ଏବଂ ତିରୁମଲିନିରେ ରହିଥିବା ପ୍ରାୟ ୧୪୦୦୦ରୁ ଅଧିକ ଲୋକଙ୍କ ଜୀବନକୁ ସରସସୁନ୍ଦର କରି ପାରିଛି । ସାମାଜିକ କ୍ଷେତ୍ର କର୍ତବ୍ୟବୋଧ (ସିଏସଆର)ଅନ୍ତର୍ଭୁକ୍ତ ପଦକ୍ଷେପ ସ୍ୱରୂପ ଏଚ୍‌ସିସିବି ଆଜି ଜେମାଦେଈପୁର ଗ୍ରାମର ବିଦ୍ୟାଳୟରେ ଏକ ସ୍ମାର୍ଟ ଶ୍ରେଣୀ ଗୃହ ପ୍ରତିଷ୍ଠା ସହିତ ଦୁଇଟି ସ୍ୱଚ୍ଛ ପାନୀୟ ଜଳ ଆରଓ ପ୍ରଣାଳୀର ସ୍ଥାପନ, ବିଭିନ୍ନ ପ୍ରକାର ବହିଃ ଖେଳପଡ଼ିଆ ସରଂଜାମ ଯଥା ପିଲାଙ୍କ ଢ଼ିଙ୍କିକଳ, ଝୁଲଣ ଓ ଖସଡ଼ା ଯୋଗାଇ ପାରିଛି । ଏଚ୍‌ସିସିବିର ସିଏସଆର ପଦକ୍ଷେପ ଗୋଷ୍ଠୀ ଅନ୍ତର୍ଗତ ଭୁବନେଶ୍ୱର ନିକଟସ୍ଥ ଖୋର୍ଦ୍ଧା ଜିଲ୍ଲାର ଜେମାଦେଈ ତଥା ଟାଙ୍ଗିବସ୍ତି ଗ୍ରାମର ଉତ୍ସର୍ଗୀକୃତ ସେବା ପ୍ରଦାନର କୁଶଳତାକୁ ଉପସ୍ଥାପିତ କରିବା ପାଇଁ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ସମ୍ମାନନୀୟ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଉପସ୍ଥିତିରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିସହିତ ଗୋଷ୍ଠୀମାନଙ୍କ ମଧ୍ୟରେ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ନିଷ୍କାସନ ପାଇଁ ଏକ ଅସ୍ଥାୟୀ ଆବର୍ଜନା ପାତ୍ର ସ୍ଥାପନ କରାଯାଇଛି । ସାରା ଦେଶରେ ପ୍ରଚାରିତ ହେଉଥିବା ବର୍ଜ୍ୟବସ୍ତୁ ଅଲଗା କରିବା ବିଶେଷତ୍ୱର ସଚ୍ଚେତନତା ଉଦ୍ଦେଶ୍ୟରେ ବିଶେଷକରି ପ୍ଲାଷ୍ଟିକ ବର୍ଜ୍ଜନକୁ ପୁଣି ପୁନଃ ପ୍ରଚଳନ କରିବା ନେଇ ଏହାକୁ ସପ୍ତାହରେ ଥରେ ସଂଗ୍ରହ କରିବା ଏଚ୍‌ସିସିବିର ଏହା ଏକ ଜାତୀୟସ୍ତରର ପ୍ରୟାସ ଅଟେ । ଛେଳି ପାଳନ, ରାସନ ଦୋକାନ, ଟେଲରିଂ ୟୁନିଟ୍, ବାଟଣ ମେସିନ୍, ଧୂପ କାଠି ପ୍ରସ୍ତୁତ ମେସିନ୍, ପତ୍ରଥାଳି ପ୍ରସ୍ତୁତ ମେସିନ୍, ମସଲା ତଥା ଆଚାର ପ୍ୟାକିଂ ଭଳି କେତେଗୁଡ଼ିଏ ସ୍ୱ-ରୋଜଗାର ଯୋଜନା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରତିଷ୍ଠାନ ନିଜର ଏକ ଏନ୍‌ଜିଓ ସହଯୋଗୀ ପିକ୍‌ର ସହାୟତାରେ ଗ୍ରାମରେ ଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାହାଯ୍ୟ ତଥା ସହଯୋଗର ହାତ ବଢ଼ାଇଛି । ଏହି ପଦକ୍ଷେପ ଅ'ର୍ଗତ ୩୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪୦୦ରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହୋଇପାରିଛନ୍ତି । ଏଚ୍‌ସିସିବି ଗୋଷ୍ଠୀ କାର୍ଯ୍ୟକ୍ରମ ଅ'ର୍ଗତ ସାରା ଦେଶରେ ଉତ୍ପାଦିତ ବିଭିନ୍ନ ପ୍ରକାର ଉନ୍ନତମାନର ଉତ୍ପାଦକକୁ ବିଭିନ୍ନ ଗୋଷ୍ଠୀରେ ଥିବା ଲୋକଙ୍କ ମଧ୍ୟରେ ପ୍ରସାର କରି ଲୋକଙ୍କ ଜୀବନଧାରା ବୃଦ୍ଧି କରାଇବା ଲକ୍ଷ୍ୟ ନେଇ ଖୋର୍ଦ୍ଧା ଜିଲ୍ଲାରେ ଥିବା ଛଅଗୋଟି ପୋଷ୍ୟଗ୍ରାମରେ ଜେମାଦେଈ ଏବଂ ଟାଙ୍ଗିବସ୍ତି ଗ୍ରାମକୁ ସାମିଲ କରାଯାଇଛି । ସ୍ଥାନୀୟ ଗୋଷ୍ଠୀ ତଥା ଏଚ୍‌ସିସିବିର ମିଳିତ ପ୍ରୟାସକୁ ଭୂୟସୀ ପ୍ରଶଂସା କରି ସ୍ଥାନୀୟ ବିଧାୟକ ସମ୍ମାନନୀୟ ଜ୍ୟୋତିରିନ୍ଦ୍ର ନାଥମିତ୍ର ନିଜର ଉଦ୍‌ଘାଟନୀ ଅଭିଭାଷଣରେ କହିଲେ, ପୋଷଣୀୟତାର ଅଭିବୃଦ୍ଧିକୁ ଏକପାଖିଆ ଭାବେ ଧ୍ୟାନ ଦେବା ଏ କ୍ଷେତ୍ରରେ କେବଳ ଯଥେଷ୍ଟ ନୁହେଁ କହିଲେ କମ୍ ହେବ । ଏଚ୍‌ସିସିବି ଭଳି ଏକ ବୃହତ୍ ପ୍ରତିଷ୍ଠାନ ଯାହାକି ଏହାର ପଡ଼ୋଶୀ ଗୋଷ୍ଠୀଙ୍କର ଜୀବନ ଜୀବିକାର ମାନକୁ ବୃଦ୍ଧି କରିବା ପାଇଁ ନିଜର ସମସ୍ତ ପ୍ରକାର ସୁଯୋଗ ପ୍ରଦାନ କରିବା ସହିତ ସବୁ ପ୍ରକାର ପ୍ରଚେଷ୍ଟା ଜାରି ରଖିଛି ସେଥିଆଁ ଗୋଷ୍ଠୀ ବୃଦ୍ଧିର ବୃହତ୍‌ର ସ୍ୱାର୍ଥକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦେଇ ଏହାକୁ ଆହୁରି ଆଗକୁ ନେବାକୁ ପ୍ରତିଜ୍ଞାବଦ୍ଧ ହେବା ଆଜିର ଏହି ପରିପ୍ରେକ୍ଷିରେ ଏକ ବଡ଼ ସଫଳତା ହୋଇପାରିବ ।

## ବିଶ୍ୱ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପେରୁ ଟୁରିଜିମ୍ ପକ୍ଷରୁ ଦୁବାଇ ଠାରେ ଏକ୍ସପୋ ୨୦୨୦ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର : ଆମାଜାନ ବର୍ଷା ବନର ଏକ ଭାଗ ଏବଂ ମାଚୁ ପିଚୁ ଇସି ଦକ୍ଷିଣ ଆମେରିକା ସଂଗଠିତ ପେରୁ ନିଜର ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ଅକର୍ଷଣୀୟ ଏବଂ ୟୁଏଇ ଓ ମିଡ଼ିଲ ଇଷ୍ଟ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି । ନିଜକୁ ବିଶ୍ୱ ଦରବାରରେ ପ୍ରସିଦ୍ଧ କରିବାର ଲକ୍ଷ୍ୟ ରଖି ପେରୁର ମାନ୍ୟବର ବାଣିଜ୍ୟ ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀଯୁକ୍ତ ଏଚ୍.ଇ ଏଡ଼ଗର ଭାସ୍‌କ୍ୱେଜ୍ ଏହାର ଭୂମି ପୂଜନ ସହ ଏକ୍‌ସ୍ପୋ ୨୦୨୦ର ଶୁଭାରମ୍ଭ କରିଛନ୍ତି । ପେରୁର ଏକ୍ସପର୍ଟ ଓ ଟୁରଜିମ୍ (ପ୍ରମ୍ପେରୁ)କୁ ଏକ୍ସପୋ ପେରୁ ଦୁବାଇ ୨୦୧୯ରେ ପ୍ରଦର୍ଶିତ କରାଯାଇଛି । ଏହାଛଡ଼ା ଦୁବାଇ, ମିଡ଼ିଲ ଇଷ୍ଟ ଏବଂ ଏସିଆର ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରମ୍ପେରୁ ରେ ପେରୁ ଏହାର ୧୦,୦୦୦ ବର୍ଷ ପୂରୁଣା ଇତିହାସ ଓ ଏହାର ଅମୂଲ୍ୟ ସଂସ୍କୃତି ଏବଂ ପରମ୍ପରାକୁ ପଦର୍ଶିତ କରିଛି । ପେରୁ ଦକ୍ଷିଣ ଆମେରିକରା ସବୁଠାରୁ ବଡ଼ ଓ ଦୁନିଆର ୨୦ତମ ବୃହତ ଦେଶ ରହିଅଛି । ଏହାର





କ୍ଷେତ୍ରଫଳ ସ୍ପେନ ଓ ଫ୍ରାନ୍ସର ସମୂହ କ୍ଷେତ୍ରଫଳ ଠାରୁ ଅଧିକ ଅଟେ । ପେରୁର ଭୌଗଳିକ ପରିସ୍ଥିତି ଅନୁସାରେ ଏଠାରେ ବିଶାଳ ଭୂଭାଗ ରହିଛି ଯେଉଁଥିରେ ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଛି । ଏହି ଦେଶର ରହିଥିବା ବିଭିନ୍ନ ଇତିହାସ ମଧ୍ୟରେ ମାଚୁ ପେଚୁ ସର୍ବଶ୍ରେଷ୍ଠ ଯାହା ଏଣ୍ଡିଜ୍‌ର ଉଚ୍ଚ ପର୍ବତମାଳା ମଧ୍ୟରେ ଅବସ୍ଥିତ ଏକ ପ୍ରାଚିନ୍ ଇଂକନ୍ ସହର ଅଟେ । ଏଠାରେ ରହିଥିବା ଆମାଜାନ ବର୍ଷା ବନ ଦେଖିବା ପାଇଁ ମଧ ଲୋକ ବହୁ ଦୁରରୁ ଆସିଥାନ୍ତି । ଏଠାରେ ପର୍ଯ୍ୟଟନ ସମ୍ବନ୍ଧୀୟ ପ୍ରାୟ ସମସ୍ତ ଆକର୍ଷଣ ମହଜୁଦ ରହିଛି ଏବଂ ୟୁନେସ୍କୋର ୧୨ଗୋଟି ବିଶ୍ୱ ବଖ୍ୟାତ ସମ୍ପଦ ରହିଛି । ପେରୁରେ କେତେକ ବୃହତ ଆର୍କୋଲୋଜିକାଲ ସାଇଟ ରହିଛି ଯାହା ଦେଶର ପ୍ରାଚିନ୍ ସଭ୍ୟତାର କାହାଣୀ ଦର୍ଶାଉଛି । ମାଚୁ ପେଚୁ ଇଣ୍ଡିଜ୍ ରେ ଅନୁଭୁତ ହେଉଥିବା ରହସ୍ୟ ଓ ଏହାର ପଥର କାନ୍ଥର ଅଦ୍ଭୁତ ଅବସ୍ଥାନ ଆପଣଙ୍କୁ ସମ୍ମୋହିତ କରେ । ଇଂକାଜ ଯୁଗରୁ ଏହି ଆଶ୍ଚର୍ଯ୍ୟ ଆର୍କିଟେକ୍‌କୁ ମାନବତାର ବିରାସତ୍ ବୋଲି ଜଣାଯାଏ ଏବଂ ଏହାକୁ ସପ୍ତର୍ଶ୍ଚାର୍ଯ୍ୟ ମାନଙ୍କ ମଧ୍ୟରେ ଗୋଟିଏ ବୋଲି ଜଣାଯାଏ । ଏହି ଅବସରରେ ପ୍ରମ୍ପେରୁର କାର୍ଯ୍ୟକାରୀ ଅଧକ୍ଷ ଶ୍ରୀ ଲୁଇସ୍ ଟୋରେସ୍ କହିଛନ୍ତି ଯେ, ପ୍ରକୃତିକ ସୁନ୍ଦର ଇତିହାସକୁ ଅତି ନିକଟରୁ ଅନୁଭବ କରିବାର ଇଚ୍ଛାରଖୁଥିବା ଲୋକ ମାନଙ୍କର ପ୍ରଥମ ପସନ୍ଦ ପେରୁ ଅଟେ । ଏକ୍‌ସ୍ପୋ ୨୦୨୦ ଦୁବାଇ ନିମନ୍ତେ ପେରୁର କମିସନର ଜେନେରାଲ ଶ୍ରୀଯୁକ୍ତ ଏଡ଼ୱାର୍ଡ଼ୋ ଫୋରେରୋସ୍ କହିଛନ୍ତି ଯେ, ଦୁନିଆର ଏହି ଭାଗର ଲୋକମାନଙ୍କୁ ପେରୁ ପର୍ଯ୍ୟଟନ ସମ୍ବନ୍ଧରେ ଅବଗତ କରାଇ ଆମେ ବହୁତ ଖୁସି । ପେରୁର ପର୍ଯ୍ୟଟନକୁ ଆକର୍ଷଣୀୟ କରିବା ପାଇଁ ଓ ଏହାର ବିଜ୍ଞାପନକୁ ପ୍ରଦର୍ଶିତ କରିବା ପାଇଁ ଦୁବାଇ ହେଉଛି ଏକ ଉପଯୁକ୍ତ ସ୍ଥାନ କାରଣ ଏଠାରେ ୨୦୦ରୁ ଅଧିକ ଦେଶର ଲୋକ ବାସ କରନ୍ତି । ସୁପ୍ରସିଦ୍ଧ କଣ୍ଡେନାଷ୍ଟ ଟ୍ରାଭେଲ୍ ମ୍ୟାଗେଜିନ୍ ରେ ଟପ୍ କନ୍‌ଟ୍ରିଜ୍ ଇନ୍ ଦ ଓ୍ୱାର୍ଲ୍ଡ଼ର ଲିଷ୍ଟରେ ପେରୁକୁ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରାଯାଇଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray